**କାନଭାସ୍ ପକ୍ଷରୁ ୮ମ ରାଉରକେଲା ଦିବସ ପାଳିତ**

# ନୂଆପୁରୁଣା ଗୀତରେ ଝୁମିଲେ ଦର୍ଶକ



**ରାଉରକେଲା, ୨୩।୩(ସମିସ)**

ରାଉରକେଲା ସହରର ଜଣାଶୁଣା ସାମାଜିକ ଅନୁଷ୍ଠାନ 'କାନଭାସ' ପକ୍ଷରୁ ସେକ୍ଟର-୧୭ ଦୁର୍ଗାପୂଜା ପଡ଼ିଆରେ ୮ମ ରାଉରକେଲା ଦିବସ ବର୍ଣ୍ଣାଢ୍ୟ ପରିବେଶରେ ପାଳିତ ହୋଇଛି। ରାଉରକେଲା ଦିବସ ପାଳନ କମିଟି ଆବାହକ ସୁରେଶ ଚନ୍ଦ୍ର ପ୍ରଧାନ ସ୍ୱାଗତ ଭାଷଣ ଦେଇ କହିଲେ, ରାଉରକେଲାବାସୀଙ୍କ ଅକୁଣ୍ଠ ସହଯୋଗ ଓ ଆନ୍ତରିକ ଭଲପାଇବାକୁ ପାଥେୟ କରି ଦୀର୍ଘ ୭ ବର୍ଷ ଧରି ରାଉରକେଲା ଦିବସ ପାଳିତ ହୋଇଆସୁଛି। ଆର୍‌ଏସ୍‌ପି ଡିଆଇସି ଅତନୁ ଭୌମିକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ଅବସରରେ ଭୌମିକ କହିଲେ, ସେ ଏହି ୧୭ ନମ୍ବର ପଡ଼ିଆରେ ଖେଳିଥିବା ବେଳେ ଆଜି କାନଭାସ ପକ୍ଷରୁ ସମ୍ମାନିତ ହୋଇ ଗର୍ବିତ। ପୂର୍ବରୁ ରାଉରକେଲା ଏକ ସୁପ୍ତ ସହର ଥିଲା। ସେତେବେଳେ ଆର୍‌ଏସ୍‌ପି ୩୦୦୦ ଟନ୍ ଉତ୍ତପ୍ତ ଲୌହ ଉତ୍ପାଦନ କରୁଥିବା ଏବେ ଏହି ପରିମାଣ ୧୪୦୦୦ ଟନ୍‌ରେ ପହଞ୍ଚିଛି। ଦେଶର ମାନଚିତ୍ରରେ ଆର୍‌ଏସ୍‌ପି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ବିଶ୍ୱକପ ହକି ଯୋଗୁଁ ରାଉରକେଲାର ସ୍ଥାନ ବିଶ୍ୱ ମାନଚିତ୍ରରେ ସ୍ଥାନ ପାଇଛି। ଇଚ୍ଛାଶକ୍ତି ବଳରେ ସବୁକିଛି ସମ୍ଭବ। ଆର୍‌ଏସ୍‌ପିର ବିକାଶ ହେଲେ ରାଉରକେଲା ବିକଶିତ ହେବ ବୋଲି ସେ କହିଥିଲେ। ଏହି ଅବସରରେ ଭୌମିକଙ୍କୁ କାନଭାସ ପକ୍ଷରୁ 'ରାଉରକେଲା ଗୌରବ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ବଲିଉଡ ଗାୟକ ସ୍ୱୟଂ ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। 'ରାଉରକେଲା ସେବା ସମ୍ମାନ'ରେ ଭବାନୀ କବି, ମୀନତୀ ଧଳସାମନ୍ତ, ସମାଜସେବୀ ଭରତ ବାଇ, ଜାତୀୟ କ୍ରୀଡ଼ାବିତ୍ ଅଶୋକ ବିଶ୍ୱାଳ ଏବଂ ଗ୍ରୀନ ଆଣ୍ଡ କ୍ଲିନ୍ ଅନୁଷ୍ଠାନକୁ ସମ୍ମାନିତ କରାଯାଇଥିଲା।



ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ଗାୟକ ଶକ୍ତି ମିଶ୍ରଙ୍କ କଣ୍ଠରେ 'ବନ୍ଧୁ ହେ...', 'କାହା ପାଦ ଶବଦରେ ମୋ ନିଦ ଭାଙ୍ଗିଗଲା...', ଶଙ୍କର ଦାନଙ୍କ କଣ୍ଠରେ 'ମାଝୀରେ...., ' ପ୍ରିୟା... ଆକାଶର ବୁକୁ ଚିରି...', ସୁନାମଧନ୍ୟ କଣ୍ଠଶିଳ୍ପୀ ଦୀପ୍ତିରେଖା ମିଶ୍ରଙ୍କ ସୁମଧୁର କଣ୍ଠରେ 'ଜୀବନଠୁ ତୁ ଭାରି ଜରୁରୀ....' 'ଶୁନ୍ ବହିଆ ଲଭ୍ ୟୁ...', ତୋର ହାଲକା ହାଲକା ହସ ମୋତେ ମାରିଦେଲାରେ..', 'ହାୟ ତୁ ପ୍ରେମର ରଙ୍ଗୋଲି ଛାତିରେ କଲା ଦିବାଲି...', 'ଚାଲ



କରିବା ଠିଆପାଲା....', 'ଲାଲ ଗୁଲାବି... ପ୍ରେମ କରିବା ଖୁଲମଖୁଲା...', ବଲିଉଡ ଗାୟକ ସ୍ୱୟଂ ପାଢ଼ୀଙ୍କ କଣ୍ଠରେ 'ମୋତେ ତୁ ତୋ ପ୍ରେମରେ ଟୋପା ଟୋପା ମେଘ କରି ଦେ...', 'ତୋ ନୂଆ ସାୟେରୀ ମୋତେ ପାଗଳ କଲା ଆହିସ୍ତା..' ତତେ ଦେଖିଲେ ମୋତେ ଲାଗୁଛି..', 'ତୁ ତେଲୁଗୁ ସୁନ୍ଦରୀ... ଚାହାଣୀ ତୋ ଚାରୁପାଣି...' ଆଦି ଗୀତରେ ଦର୍ଶକ ଝୁମିଥିଲେ। କମେଡି କୁଇନ୍ ଚାନ୍ଦିନୀ (ଜାଇଫୁଲ)ଙ୍କ କମେଡିରେ ଦର୍ଶକ ହସି ହସି ବେଦମ ହୋଇଥିଲେ। କେପି ଓ ଜ୍ୟୋତ୍ସ୍ନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

କାନଭାସ ଅନୁଷ୍ଠାନ ସଦସ୍ୟ ବିଏନ ପଟ୍ଟନାୟକ, ବିରାଜ ବିଶ୍ୱାଳ, ଅଜିତ ନାୟକ, ପ୍ରଦୋଷ ସ୍ୱାଇଁ, ସମାଜସେବୀ ହରିହର ରାଉତରାୟ, ବରିଷ୍ଠ ବିଜେଡି ନେତା ସୁଧୀର ସୁନ୍ଦରରାୟ, ଅଶୋକ ଚୌଧୁରୀ, ମାନିକ ଚୌଧୁରୀ, ଗୌତମ ବାଡ଼ା, ଦେବାଶିଷ ମହାନ୍ତି, ପ୍ରଦୋଷ ସାହୁ, ପ୍ରଶାନ୍ତ ନାୟକ, ପ୍ରଦୀପ ପଟ୍ଟନାୟକ, ରବୀନ୍ଦ୍ର ପ୍ରଧାନ, ସଞ୍ଜୀବ ସ୍ୱାଇଁ, ନଚିକେତା ମହାପାତ୍ର, ମୁକ୍ତିକାନ୍ତ ବିଶ୍ୱାଳ, ପ୍ରିୟବ୍ରତ ଭଞ୍ଜ, ରାଜା ରାୟ, ଅଶୋକ ଜେନା, ସୁଶାନ୍ତ, କୁନା ମହାପାତ୍ର, ବାବୁ ପଟ୍ଟନାୟକ, କାର୍ତ୍ତିକ ଖଣ୍ଡୁଆଳ, ସଲିଲ ପରିଡ଼ା, ପ୍ରଭୁ ପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗଛ ଡାଳରେ ଝୁଲନ୍ତା ମୃତଦେହ

**ଲହୁଣୀପଡ଼ା, ୨୩।୩(ସମିସ):** ଲହୁଣୀପଡ଼ା ଥାନା ଟେନସା ଫାଣ୍ଡି ଅନ୍ତର୍ଗତ ଜିରୋ ପଏଣ୍ଟ ଅଞ୍ଚଳର ଏକ ଆମ୍ବଗଛ ଡାଳରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତ ଯୁବକ ହେଲେ ଜିରୋ ପଏଣ୍ଟର ନନ୍ଦଲାଲ ଚମ୍ପିଆ (୨୩)।

ମିଳିଥିବା ସୂଚନା ମୁତାବକ, କିଛିଦିନ ପୂର୍ବରୁ ନନ୍ଦଲାଲଙ୍କ ସ୍ତ୍ରୀ ଘର ସମ୍ମୁଖରେ ନିଆଁ ପୋଉଁଥିବା ସମୟରେ ଅସାବଧାନତା ଯୋଗୁଁ ତାଙ୍କ ଦେହରେ ନିଆଁ ଲାଗିଯାଇଥିଲା। ଗୁରୁତର ଅବସ୍ଥାରେ ରାଉରକେଲାର ଏକ ଘରୋଇ ଡାକ୍ତରଖାନାରେ ତାଙ୍କ ଚିକିତ୍ସା ଚାଲିଥିବାବେଳେ ଗତ ୧୯ ତାରିଖ ତାଙ୍କ ମୃତ୍ୟୁ ହୋଇଥିଲା। ସେବେଠାରୁ ନନ୍ଦଲାଲ ମାନସିକ ଭାରସାମ୍ୟ ହରାଇ ବସିଥିଲେ। ଶନିବାର ସନ୍ଧ୍ୟା ୫ଟା ବେଳେ ତାଙ୍କ ମୃତଦେହ ଗଛରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ତେଣୁ ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ଟେନସା ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ନନ୍ଦଲାଲଙ୍କର ଏକ ୩ ମାସର ଶିଶୁପୁତ୍ର ରହିଛି। ସ୍ତ୍ରୀଙ୍କ ମୃତ୍ୟୁ ପରେ ନନ୍ଦଲାଲ ତାକୁ ଲାଳନପାଳନ ପାଇଁ ତା' ଆଈମାଆ ପାଖରେ ଛାଡ଼ିଥିଲେ।

## ବଣାଇଁରେ ଏଲ୍‌ଭି ପ୍ରସାଦ ଚକ୍ଷୁ ଚିକିତ୍ସା କେନ୍ଦ୍ର ଉଦ୍‌ଘାଟିତ



**ବଣାଇଁ, ୨୩।୩(ସମିସ):** ସ୍ଥାନୀୟ ଜୀବନବୀମା ନିଗମ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ଏଲ୍‌ଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ ତରଫରୁ ଏକ ଉନ୍ନତ ମାନର ଚକ୍ଷୁ ଚିକିତ୍ସା ଓ ପରୀକ୍ଷା କେନ୍ଦ୍ର ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ବଣାଇଁ ସରପଞ୍ଚ ନମିତା ନାଗ ଯୋଗଦେଇ ଏହି କେନ୍ଦ୍ରର ଉଦଘାଟନ କରିଛନ୍ତି। ସମଗ୍ର ସୁନ୍ଦରଗଡ଼ ଜିଲ୍ଲାରେ ଏଭଳି ୧୦ କେନ୍ଦ୍ର ଖୋଲିବାକୁ ପ୍ରତିଷ୍ଠାନ ଲକ୍ଷ୍ୟ ରଖିଥିବା ବେଳେ ବଣାଇଁରେ ଏହା ପ୍ରଥମ କେନ୍ଦ୍ର ଉଦ୍‌ଘାଟିତ ହୋଇଛି।

ଚକ୍ଷୁ ସମ୍ବନ୍ଧିତ ବିଭିନ୍ନ ସମସ୍ୟାରେ ଥିବା ଏହି ଅଞ୍ଚଳର ଲୋକଙ୍କ ସୁବିଧା ନିମନ୍ତେ ଏହି କେନ୍ଦ୍ର ଖୋଲାଯାଇଥିବା ବେଳେ ଏହି କେନ୍ଦ୍ରରେ ମାଗଣାରେ ସମସ୍ତ ପ୍ରକାର ପରୀକ୍ଷା ନିରୀକ୍ଷା କରାଯିବା ସହ ପରୀକ୍ଷା ପରେ ଅଳ୍ପ ସମୟ ମଧ୍ୟରେ ସ୍ୱଳ୍ପ ମୂଲ୍ୟରେ ଚଷମା ଯୋଗାଇ ଦିଆଯିବ ବୋଲି କୁହାଯାଇଛି। ଜଟିଳ ସମସ୍ୟା ଥିବା ରୋଗୀଙ୍କ ପାଇଁ ଅନଲାଇନ ଯୋଗେ ଡାକ୍ତରଙ୍କ ପରାମର୍ଶ ନେବା ବ୍ୟବସ୍ଥା ରହିଛି। ଚକ୍ଷୁ ସମ୍ବନ୍ଧିତ ବିଭିନ୍ନ ଅସ୍ତ୍ରୋପଚାର ପାଇଁ ଏଠାରୁ ରାଜଗାଙ୍ଗପୁର ନଚେତ ଭୁବନେଶ୍ୱରସ୍ଥିତ ଏଲ୍‌ଭି ପ୍ରସାଦ ଚକ୍ଷୁ ଚିକିତ୍ସାଳୟକୁ ସ୍ଥାନାନ୍ତର କରିବା ବ୍ୟବସ୍ଥା ରହିଥିବା ବଣାଇଁ କେନ୍ଦ୍ରର ପରିଚାଳକ ଅଜୟ କୁମାର କୁଜୁର ସୂଚନା ଦେଇଛନ୍ତି। ଏହା ଦ୍ୱାରା ବଣାଇଁ ଅଞ୍ଚଳର ଚକ୍ଷୁରୋଗୀ ବିଶେଷ ଉପକୃତ ହେବେ ବୋଲି ସେ କହିଛନ୍ତି।



## ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଗଣତନ୍ତ୍ର ବଞ୍ଚାଅ ଦିବସ ପାଳିତ




**ବିଶ୍ରା, ୨୩।୩(ସମିସ):** ମହାନ ବିପ୍ଳବୀ ଭଗତ ସିଂହ, ସୁଖଦେବ ଏବଂ ରାଜଗୁରୁଙ୍କ ସହିଦ ଦିବସକୁ ସମଗ୍ର ଦେଶରେ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଗଣତନ୍ତ୍ର ବଞ୍ଚାଅ ଦିବସ ଭାବେ ପାଳନ କରାଯାଉଛି। ଏହି ଅବସରରେ ବିଶ୍ରା ବ୍ଲକ ଛକରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ସହିଦ୍ ଭଗତ ସିଂହ, ସୁଖଦେବ ଏବଂ ରାଜଗୁରୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରେ ଉପସ୍ଥିତ ଜନତାଙ୍କୁ ଉଦବୋଧନ ଦେଇ ଓଡ଼ିଶା କୃଷକ ସଭାର ଜିଲ୍ଲା ସାଧାରଣ ସମ୍ପାଦକ ସୁରେନ୍ଦ୍ର ଦାଶ କହିଲେ, ଲକ୍ଷ ଲକ୍ଷ ଦେଶପ୍ରେମୀଙ୍କ ଆତ୍ମବଳିଦାନ ମାଧ୍ୟମରେ ହାସଲ ହୋଇଥିବା ଗଣତନ୍ତ୍ର ଆଜି ବିପନ୍ନ ହୋଇଛି। ଜାତୀୟ ମୁକ୍ତି ସଂଗ୍ରାମ ସମୟରେ ଯେଉଁମାନେ ବ୍ରିଟିଶ ସରକାରର ଗୋଲାମି କରୁଥିଲେ ଏବଂ ବ୍ରିଟିଶ ସରକାର ପାଇଁ ଗୁଇନ୍ଦାଗିରି କରୁଥିଲେ, ସେମାନେ ଆଜି ଶାସନ କ୍ଷମତାରେ ଅଧିଷ୍ଠିତ ହେବା ପରେ ଆମ ଗଣତନ୍ତ୍ରକୁ ବିପନ୍ନ କରିଛନ୍ତି। ଖୋଲାଖୋଲି ଭାବେ ଇଲେକ୍ଟୋରାଲ ବଣ୍ଡ ନାଁରେ ଦାଦାବଟି ଆଦାୟ କରିବା ସହ ଚୋରମୁହଁ ଟାଣ ଭଳି ବିରୋଧୀ ଦଳ ନେତାମାନଙ୍କ ଉପରେ ଆକ୍ରମଣ ଚଳାଇଛନ୍ତି। ସରକାରର ଏହି ହୀନ କାର୍ଯ୍ୟ କରିବା ପାଇଁ କର୍ପୋରେଟ ସଂସ୍ଥା ଉତ୍ସାହିତ କରୁଛି। କେନ୍ଦ୍ର ସରକାର ନିଜ କୁକର୍ମକୁ ଲୁଚାଇବା ପାଇଁ ହିନ୍ଦୁତ୍ୱକୁ ଢାଲ କରିଛନ୍ତି। ଆଜି ଦେଶକୁ କର୍ପୋରେଟ, ସାମ୍ପ୍ରଦାୟିକ, ଅପରାଧିକ ମହାଦୁର୍ନୀତି କବଳରୁ ରକ୍ଷା କରିବା ପାଇଁ ସମସ୍ତ ଦେଶପ୍ରେମୀ ଶକ୍ତି ଏକାଠି ହୋଇ ଆଗାମୀ ନିର୍ବାଚନରେ ଅଶୁଭ ଶକ୍ତିକୁ ପରାସ୍ତ କରିବା ଏକମାତ୍ର କାର୍ଯ୍ୟ ହେବା ଉଚିତ ବୋଲି ପ୍ରକାଶ କରିଥିଲେ। ସଭାରେ ବୁଦ୍ଧନି ମୁଣ୍ଡାରୀ, ଶାନ୍ତି ମିଞ୍ଜ, ରାଜୀବ ବସନ୍ତରାୟ, ରଜତ ମୁଣ୍ଡା, ମହମ୍ମଦ ୱାଜିଦଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।

## ବିଶ୍ରାରେ ସତ୍‌ସଙ୍ଗ ଭବନର ଭୂମିପୂଜନ



**ରାଉରକେଲା, ୨୩।୩(ସମିସ):** ବିଶ୍ରା ବ୍ଲକ ବୁଢୁଲଝରଠାରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସତସଙ୍ଗ ମନ୍ଦିର ନିର୍ମାଣ ପାଇଁ ଶନିବାର ଭୂମିପୂଜନ ଅନୁଷ୍ଠିତ ହେଇଛି। କାର୍ଯ୍ୟକ୍ରମରେ ବିଶ୍ରା, ବନ୍ଧମୁଣ୍ଡା, ରାଉରକେଲା, ଜରାଇକେଲା ସମେତ ନିକଟସ୍ଥ ଅଞ୍ଚଳର ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଦୀର୍ଘଦିନ ଧରି ବିଶ୍ରା ସହରରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ସତସଙ୍ଗ ଭବନ ନିର୍ମାଣ ପାଇଁ ଯୋଜନା ଚାଲିଥିଲା। ବର୍ତ୍ତମାନ ତାହା ସଫଳ ହେବାକୁ ଯାଉଛି। କାର୍ଯ୍ୟକ୍ରମରେ ଝାଡ଼ଖଣ୍ଡ ଦେଓଘରରୁ ଆସିଥିବା ରିତ୍ୱିକ ଏ ସୁବୁଦ୍ଧି, ଅରୁଣ ପ୍ରକାଶ ପାଣ୍ଡେ, ରାଧାକାନ୍ତ ମିଶ୍ର, ବସନ୍ତ କୁମାର ଜେନା, ଶାନ୍ତନୁ କୁମାର ନାୟକ, ଏଚ୍‌ଏସ୍ ମାହାତୋ, ଏନ ଦାସ, ପିକେ ଦାସ, ଗୋକୁଳ ମାହାତୋ, ପ୍ରଦୀପ କୁମାର ସାହୁ, ଏକେ ମିଶ୍ର, ଏସ୍ ଗୱାଲା, ଆର ମାହାତୋ, ଏସ୍ ମାହାତୋ ପ୍ରମୁଖ ଉପସ୍ଥିତ ଥିଲେ।

## ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମ




**ଛତ୍ରପୁର, ୨୩।୩(ସମିସ):** ସ୍ଥାନୀୟ ଶ୍ରୀରାମନଗର ସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପରିସରରେ ଘର ହିଁ ବିଦ୍ୟାଳୟ ପ୍ରକଳ୍ପର ଦ୍ୱିତୀୟ ସୋପାନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ ଶହୀଦ ଭଗତ ସିଂହ, ସୁଖଦେବ ଓ ରାଜଗୁରୁଙ୍କ ପୂର୍ଣ୍ଣତିଥିରେ ଦୁଇ ମିନଟ ନୀରବ ପ୍ରାର୍ଥନା କରାଯାଇଥିଲା। ମୁଖ୍ୟ ଅତିଥି ରୂପେ ଆଙ୍କୁଶପୁର ସ୍ଥିତ ଆୟୁର୍ବେଦ କଲେଜର ଅଧ୍ୟକ୍ଷ ଡାକ୍ତର ବିମଳ କୁମାର ପଣ୍ଡା ଯୋଗଦେଇ ଶୈଶବ ଯତ୍ନ ଓ ଟୀକାକରଣର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ବିଦ୍ୟାଳୟର ସମ୍ପାଦକ ତଥା ହାଇକୋର୍ଟ ଓକିଲ ପଦ୍ମଚରଣ ସାହୁ ଉପସ୍ଥିତ ଥିଲେ। ସଭାପତି ଉପେନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ର ନାଥ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିଶୁ ବାଟିକା ଶୈକ୍ଷିକ ପ୍ରମୁଖ ବି.ସୁଶୀଳା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ୮୬ ଜଣ ଅଭିଭାବକ ଯୋଗଦେଇଥିଲେ। କମ୍ପ୍ୟୁଟର ଆଚାର୍ଯ୍ୟ ଦୀପକ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

**ବିଶ୍ୱ ନାଟ୍ୟ ଦିବସରେ ଜାତୀୟ ନାଟକ ମହୋତ୍ସବ ଉଦ୍‌ଘାଟିତ**

## ନୂଆଦିଲ୍ଲୀ କଳାକାରଙ୍କ ଦ୍ୱାରା ହିନ୍ଦୀ ନାଟକ 'ଦି ଜୁ ଷ୍ଟୋରୀ' ମଞ୍ଚସ୍ଥ

**ରାଉରକେଲା, ୨୩।୩(ସମିସ)**

ସ୍ଥାନୀୟ ମ୍ୟୁଜିକ ସର୍କଲରେ ରାଉରକେଲାର ଅଗ୍ରଣୀ ନାଟ୍ୟାନୁଷ୍ଠାନ 'ସମ୍ପର୍କ' ଦ୍ୱାରା ଆୟୋଜିତ ଜାତୀୟ ନାଟ୍ୟ ଦିବସ-୨୦୨୪କୁ ଆର୍‌ଏସ୍‌ପି ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ (ଡିଆଇସି) ଅତନୁ ଭୌମିକ ଉଦ୍‌ଘାଟନ କରିଛନ୍ତି। ସମ୍ପର୍କ ପ୍ରତିବର୍ଷ ଜାତୀୟ ନାଟକ ମହୋତ୍ସବ ଆୟୋଜନ କରି ଦେଶର ସୁନାମଧନ୍ୟ ନାଟ୍ୟାନୁଷ୍ଠାନଗୁଡ଼ିକର ଶିକ୍ଷଣୀୟ ତଥା ଆନନ୍ଦ ପ୍ରଦାୟକ ନାଟକମାନ ରାଉରକେଲାର ଅଧିବାସୀଙ୍କୁ ଭେଟି ଦେଉଥିବାରୁ ଅନୁଷ୍ଠାନର ସଦସ୍ୟ ସଦସ୍ୟାଙ୍କୁ ଭୌମିକ ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର ସଭାପତି ସୁବ୍ରତା ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. ସମର ମୁଦାଲି ଯୋଗଦେଇ ସମ୍ପର୍କ ନାଟ୍ୟାନୁଷ୍ଠାନ ବର୍ଷସାରା ଭାରତର ବିଭିନ୍ନ ସ୍ଥାନରେ ନାଟକ ମଞ୍ଚସ୍ଥ କରି ରାଉରକେଲାର କଳା ସଂସ୍କୃତିକୁ ପ୍ରଚାର ପ୍ରସାର କରିଥିବାରୁ ସମସ୍ତ ସଦସ୍ୟଙ୍କୁ ରାଉରକେଲାବବାସୀଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରିଥିଲେ।

ସମ୍ମାନିତ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଅବସରପ୍ରାପ୍ତ ସ୍ୱତନ୍ତ୍ର ଶାସନ ସଚିବ ଭରତ ଚନ୍ଦ୍ର ବେହେରା, ଅବସରପ୍ରାପ୍ତ ଅତିରିକ୍ତ ଶାସନ ସଚିବ ମନୋଜ ମହାନ୍ତି, ଅବସରପ୍ରାପ୍ତ ଆରଏସପି ମହାପ୍ରବନ୍ଧକ ଅଭୟ ଦାସ, ଓଡ଼ିଶା ନାଟ୍ୟସଂଘ ସମ୍ପାଦକ ଶୁଭକାନ୍ତ ପାଢ଼ୀ ଯୋଗଦେଇ ଜାତୀୟ ନାଟକ ମହୋତ୍ସବ ୨୦୨୪ର ସଫଳତା କାମନା କରିଥିଲେ। ଏହି ଅବସରରେ ଏନଏସଡି ନୂଆଦିଲ୍ଲୀର ମହୋତ୍ସବ ନିୟନ୍ତ୍ରକ ତଥା ଜାତୀୟ ଖ୍ୟାତିସମ୍ପନ୍ନ ବିଶିଷ୍ଟ ଅଭିନେତା ସୁମନ ବୈଦ୍ୟ, ଏନଏସଡିର ପ୍ରଡକ୍ସନ ମ୍ୟାନେଜର ତଥା ବିଶିଷ୍ଟ ଅଭିନେତା ପରାଗ ଶର୍ମାଙ୍କୁ ସମ୍ପର୍କ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଆରମ୍ଭରେ ଅନୁଷ୍ଠାନ ସମ୍ପାଦକ ଭାସ୍କର ଚନ୍ଦ୍ର ମହାପାତ୍ର ୫ ଦିନ ଧରି ଆୟୋଜନ ହେବାକୁ ଥିବା ଏହି ଜାତୀୟ ନାଟକ ମହୋତ୍ସବ ବିଷୟରେ ସଂକ୍ଷିପ୍ତ ବିବରଣୀ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ବିଜୟ ପାତ୍ର ଧନ୍ୟବାଦ ଦେଇଥିଲେ। ଅନିଲ ମଲିକ ମଞ୍ଚ ପରିଚାଳନା କରିଥିବା ବେଳେ ସଂଗଠନ ସମ୍ପାଦକ ସୁରେନ୍ଦ୍ର ପାଢ଼ୀ, ଅଶୋକ ବଳ, ତ୍ରିପତି ନାରାୟଣ ପତି, ସାଂସ୍କୃତିକ ସମ୍ପାଦିକା ସୁଦେଷ୍ଣାରାଣୀ ରାଉତ, ପୁଷ୍ପା ବିଶୋଇ, ସସ୍ମିତା ବେକ୍, ସୁରଭି ରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ନୂଆଦିଲ୍ଲୀର ବିଶିଷ୍ଟ ନାଟ୍ୟାନୁଷ୍ଠାନ ପଞ୍ଚକୋଶୀର କଳାକାରମାନେ ହିନ୍ଦୀ ନାଟକ 'ଦି ଜୁ ଷ୍ଟୋରୀ' ମଞ୍ଚସ୍ଥ କରିଥିଲେ। ଆମେରିକାର ବିଶିଷ୍ଟ ନାଟ୍ୟକାର ଏଡ୍‌ୱାର୍ଡ ଆଲବି ଏହି ନାଟକ ରଚନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ଏନ୍‌ଏସଡିଆନ୍ ଉତ୍ପଳ ଝା। କଳାକାରମାନଙ୍କ ଚମତ୍କାର ଅଭିନୟ, ନିର୍ଦ୍ଦେଶକଙ୍କ ନିଖୁଣ ନିର୍ଦ୍ଦେଶନା ଓ ଉଚ୍ଚକୋଟୀର ଆଲୋକ ସମ୍ପାତ ଓ ସଙ୍ଗୀତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ମଞ୍ଚସଜ୍ଜା କରିଥିଲେ ପ୍ରଳୟ ଶତପଥୀ। ଆଜିର ସମାଜରେ ପ୍ରତ୍ୟେକ ମଣିଷ ବ୍ୟକ୍ତିକୈନ୍ଦ୍ରିକ ହୋଇଯାଉଛନ୍ତି। ନିଜ ସୁଖ ସୁବିଧା ଛଡ଼ା ଆଉ କାହାର ଦୁଃଖ ଅସୁବିଧା ଶୁଣିବାକୁ ତାଙ୍କ ନିକଟରେ ସମୟ ବି ନାହିଁ। ଏହି ପରିସ୍ଥିତିରେ ଦୁଇଜଣ ଅପରିଚିତ ବନ୍ଧୁ ଏକ ଚିଡ଼ିଆଖାନାରେ ପରସ୍ପର ନିଜ ଦୁଃଖସୁଖ ବାଣ୍ଟିବାର ଏକ ମନସ୍ତାତ୍ତ୍ୱିକ ଚିନ୍ତାଧାରା ନାଟକଟିକୁ ସମୃଦ୍ଧ କରିଥିଲା। ବିଶେଷକରି ସୁମନ ବୈଦ୍ୟ ଓ ପରାଗ ଶର୍ମାଙ୍କ ନିଖୁଣ ଅଭିନୟ ଶହଶହ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ରବିବାର ସମ୍ପର୍କ ଅନୁଷ୍ଠାନ ପକ୍ଷରୁ ଶ୍ରୀ ଜଗନ୍ନାଥ ସଂସ୍କୃତି ଉପରେ ଆଧାରିତ ନାଟକ 'ଭାବ ବିନୋଦିଆ କଳାଠାକୁର' ମଞ୍ଚସ୍ଥ ହେବ ବୋଲି କୁହାଯାଇଛି।

**■ ସରକାରୀ ନିର୍ମାଣ କାର୍ଯ୍ୟକୁ ନେଇ ବିବାଦ**

## ପିଇଓଙ୍କ ପରେ ପୂର୍ବତନ ସରପଞ୍ଚଙ୍କ ବିରୋଧରେ ମାମଲା

**ରାଉରକେଲା, ୨୩।୩(ସମିସ):** ଏକ ସରକାରୀ ନିର୍ମାଣ କାର୍ଯ୍ୟକୁ ନେଇ ପୂର୍ବତନ ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ)ଙ୍କ ମଧ୍ୟରେ ବିବାଦ ପରେ ଉଭୟଙ୍କ ଅଭିଯୋଗ କ୍ରମେ ଉଭୟଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଶୁକ୍ରବାର ବନ୍ଧମୁଣ୍ଡା ଥାନାରେ କପାଟମୁଣ୍ଡା ପଞ୍ଚାୟତ ପିଇଓ ପ୍ରଦୀପ କୁମାର ସାହୁଙ୍କ ବିରୋଧରେ ପୂର୍ବତନ କପାଟମୁଣ୍ଡା ସରପଞ୍ଚ ଦେବା କେରକେଟା ଏତାଲା ଦେବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିଲା। ଶନିବାର ପିଇଓ ସାହୁ ମଧ୍ୟ ବିଶ୍ରା ଥାନାରେ ପୂର୍ବତନ ସରପଞ୍ଚ କେରକେଟାଙ୍କ ବିରୋଧରେ ପାଲଟା ଅଭିଯୋଗ କରିବା ପରେ ପୁଲିସ ଆଉ ଏକ ମାମଲା ରୁଜୁ କରିଛି।

ମିଳିଥିବା ସୂଚନା ଅନୁଯାୟୀ ଏକ ସରକାରୀ ନିର୍ମାଣ କାର୍ଯ୍ୟରେ ମରାମତି ବାବଦ ଟଙ୍କା କାଟି ରଖିବାକୁ ନେଇ ପୂର୍ବତନ ସରପଞ୍ଚ କେରକେଟା ଓ ପିଇଓ ସାହୁଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହାକୁ ନେଇ ପରସ୍ପର ବିରୋଧରେ ପୁଲିସ ୨ଟି ମାମଲା ରୁଜୁ କରିବା ପରେ ଉଭୟଙ୍କୁ ଥାନାକୁ ଡାକି ସେମାନଙ୍କୁ ନୋଟିସ ଦେଇ ଛାଡ଼ିଦେଇଛି। ବର୍ତ୍ତମାନ ଉଭୟ ମାମଲା ରାଉରକେଲା କୋର୍ଟରେ ବିଚାରାଧୀନ ରହିଛି। ଜଣେ ସରକାରୀ ଅଧିକାରୀ ଓ ପୂର୍ବତନ ଜନପ୍ରତିନିଧି ପରସ୍ପର ବିରୋଧରେ ଥାନାରେ ଅଭିଯୋଗ କରିବା ଘଟଣା ବର୍ତ୍ତମାନ ଅଞ୍ଚଳର ଚର୍ଚ୍ଚାର ବିଷୟ ପାଲଟିଛି।

# ପ୍ରସିଦ୍ଧ ହନୁମାନ ବାଟିକାରେ ନାହିଁ ପାର୍କିଂ ବ୍ୟବସ୍ଥା

**ରାଉରକେଲା, ୨୩।୩(ସମିସ)**

ସାରା ଓଡ଼ିଶା ବିଶେଷକରି ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ହନୁମାନ ବାଟିକାରେ ନାହିଁ ଗାଡ଼ି ପାର୍କିଂ ବ୍ୟବସ୍ଥା। ଫଳରେ ରାସ୍ତା ସଙ୍କୁଚିତ ହେବା ସହ ରିଂ ରୋଡ ପ୍ରାୟ ସମୟରେ ଜାମ୍ ହେଉଛି। ଏହି ସମସ୍ୟା ଦୁର୍ଘଟଣାକୁ

**ସଙ୍କୁଚିତ ରାସ୍ତା ଯୋଗୁଁ ଜାମ୍ ହେଉଛି ରିଂ ରୋଡ୍**

**ଦୁର୍ଘଟଣାକୁ କରୁଛି ନିମନ୍ତ୍ରଣ**

ନିମନ୍ତ୍ରଣ କରୁଛି। କେତେବେଳେ ବି ବଡ଼ ଦୁର୍ଘଟଣା ଘଟିବା ଆଶଙ୍କା ପ୍ରକାଶ ପାଉଛି।

ନବେ ଦଶକରେ ଏଠାରେ ପ୍ରସିଦ୍ଧ ହନୁମାନ ବାଟିକା ନିର୍ମାଣ କରାଯାଇଥିଲା। ଏଠାରେ ନିର୍ମିତ ପୂର୍ବ ଭାରତର ସର୍ବବୃହତ ହନୁମାନଙ୍କ ପ୍ରତିମୂର୍ତ୍ତି ସେତେବେଳେ ସମସ୍ତଙ୍କୁ ଆକର୍ଷିତ କରିଥିଲା। ଦୈନିକ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ତଥା ପର୍ଯ୍ୟଟକ ଆସିବାର ସେତେବେଳେ ସମ୍ଭାବନା ଉପୁଜିଥିଲା ବେଳେ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥାକୁ ଅଣଦେଖା କରାଯାଇ ପାର୍କିଂ ବ୍ୟବସ୍ଥା କରାଯାଇ ନ ଥିଲା। ଏବେ ପ୍ରତ୍ୟେକ ଦିନ ଶତାଧିକ ଲୋକ ଏଠାକୁ ବୁଲିବାକୁ ଆସିବା ସହ ପୂଜାର୍ଚ୍ଚନା କରୁଛନ୍ତି। ରାଉରକେଲା ସମେତ ଜିଲ୍ଲା



ବାହାରୁ ମଧ୍ୟ ପର୍ଯ୍ୟଟକଙ୍କ ଭିଡ଼ ଏଠାରେ ଜମୁଛି। ଯିଏ ବି ରାଉରକେଲା ଆସୁ ପଛେ ହନୁମାନ ବାଟିକା ସେମାନଙ୍କ ପାଇଁ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଭାବେ ପ୍ରାଥମିକତା ଦେଇଥାନ୍ତି। ରିଂ ରୋଡକୁ ଲାଗି ହନୁମାନ ବାଟିକାର ପାଚେରି ନିର୍ମାଣ କରାଯାଇଥିବା ବେଳେ ସେତେବେଳେ ପାର୍କିଂ ପାଇଁ କୌଣସି ସ୍ଥାନ ଛଡ଼ାଯାଇ ନ ଥିଲା। ଫଳରେ ରାଉରକେଲା ସମେତ ଦୂରଦୂରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁମାନେ ରିଂ ରୋଡ କଡ଼ରେ ବାଇକ, କାର ପାର୍କିଂ କରିଥାଆନ୍ତି। ଏହାଦ୍ୱାରା ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥାଏ। ଯଦି କୌଣସି କାର୍ଯ୍ୟକ୍ରମ ଉକ୍ତ ମନ୍ଦିରରେ ଥାଏ, ତେବେ ପ୍ରାୟ ୨ କିମି ଯାଏଁ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ପାର୍କିଂ ହୋଇଥାଏ। ଫଳରେ ଆହୁରି ସମସ୍ୟା ସୃଷ୍ଟି ହୋଇଥାଏ। ସୂଚନାଯୋଗ୍ୟ, ପୂର୍ବରୁ ଉଭୟ ପାର୍ଶ୍ୱରେ ଗାଡ଼ି ପାର୍କିଂ କରାଯାଉଥିଲା। ଏବେ ରିଂ ରୋଡ୍ ଦୋହରୀକରଣ ହେବା ସହ ମଝିରେ ଡିଭାଇଡର ଓ ଲୁହା ରେଲିଂ ଲାଗିଯାଇଥିବାରୁ ଉଭୟ ପାର୍ଶ୍ୱରେ ଗାଡ଼ି ପାର୍କିଂ ସମ୍ଭବ ହେଉନାହିଁ। ଫଳରେ କେବଳ ଗୋଟିଏ ପାର୍ଶ୍ୱରେ ପାର୍କିଂ ହେଉଛି। ଏହାଦ୍ୱାରା ଅଧିକ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି।

ପାନପୋଷ ଦେଇ ସହର ଭିତରକୁ ପ୍ରବେଶ କରିବାକୁ ହେଲେ ଏହି ରାସ୍ତା ଏକମାତ୍ର ଟ୍ରାଫିକବିହୀନ ମୁଖ୍ୟ ରାସ୍ତା। ମାତ୍ର ହନୁମାନ ବାଟିକା ନିକଟରେ ରାସ୍ତାପାର୍ଶ୍ୱ ପାର୍କିଂ ଯୋଗୁଁ ଟ୍ରାଫିକ ସମସ୍ୟା ଜଟିଳ ହେଉଥିବା ପରିଲକ୍ଷିତ ହୋଇଛି। ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ବିଭିନ୍ନ ଶ୍ରେଣୀର ଲୋକେ ଯାତାୟାତ କରନ୍ତି। ଫଳରେ ସକାଳୁ ରାତି ଯାଏଁ ଉକ୍ତ ରାସ୍ତା ଚଳଚଞ୍ଚଳ ରହିଥାଏ। ଅତୀତରେ ଅନେକ ଛୋଟ ବଡ଼ ଦୁର୍ଘଟଣା ଘଟିଥିବା ନଜିର ରହିଛି। ରାସ୍ତା କଡ଼ ପାର୍କିଂ ହିଁ ଦୁର୍ଘଟଣାର ମୁଖ୍ୟ କାରଣ ପାଲଟିଛି। ତଥାପି ମନ୍ଦିର କମିଟି ତଥା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଯାହାକି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। କୋଟି କୋଟି ଟଙ୍କା ବ୍ୟୟରେ ମନ୍ଦିର ନିର୍ମାଣ ହୋଇଥିବା ବେଳେ ପାର୍କିଂ ଉପରେ କୌଣସି ଗୁରୁତ୍ୱ ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ସହରରେ ଥିବା ଅନ୍ୟ ମନ୍ଦିରଗୁଡ଼ିକରେ ପାର୍କିଂ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଥିବା ଦେଖାଦେଇଛି। ହେଲେ ଏହି ପ୍ରସିଦ୍ଧ ମନ୍ଦିରର ପାର୍କିଂ ଉପରେ ଗୁରୁତ୍ୱ ଦିଆଯାଇ ନ ଥିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

## ଇସ୍ପାତ ଜେନେରାଲ ହସ୍ପିଟାଲ କର୍ମଚାରୀ ପୁରସ୍କୃତ

**ରାଉରକେଲା, ୨୩।୩ (ସମିସ):** ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍)ର ନୂତନ କନଫରେନ୍ସ ହଲରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ହସ୍ପିଟାଲ କର୍ମଚାରୀମାନଙ୍କୁ ଦୁଇଟି ସ୍ୱୀକୃତି ଯୋଜନା ଅଧୀନରେ ପୁରସ୍କୃତ କରାଯାଇଛି। ଏଥିରେ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଡା. ବିକେ ହୋତା, ସିଏମଓ ଡା. ଏନପି ସାହୁ, ଡା. ଏଲକେ ବିଶ୍ୱାଳ, ଡା. ଜେକେ ଆଚାର୍ଯ୍ୟ ଏବଂ ଡା. ପିକେ ମହାପାତ୍ର, ଚକ୍ଷୁ ନିଦାନ ଏବଂ ଚିକିତ୍ସା ପ୍ରଶାସନ ବିଭାଗ ଅତିରିକ୍ତ ସିଏମଓ ଡା. ଆର.ଆର ମହାନ୍ତି, କାର୍ମିକ ବିଭାଗ ଜିଏମ ଜିଆର ଦାଶ ଏବଂ ବହୁ ବରିଷ୍ଠ ଡାକ୍ତର ଏବଂ ଅଧିକାରୀ ଉପସ୍ଥିତ ଥିଲେ।

ଦ୍ୱିତୀୟ ତ୍ରୟମାସରେ ରୋଗୀସେବା କ୍ଷେତ୍ରରେ ଉତ୍କର୍ଷତା ପାଇଁ ସ୍ୱୀକୃତି ଯୋଜନା ଅଧୀନରେ ପୁରୁଷ ମେଡିକାଲ ୱାର୍ଡ ବିଜେତା ଭାବରେ ବିବେଚିତ ହୋଇଥିବା ବେଳେ ଜେଏନ୍ ବୃତ୍ତିଗତ ସ୍ୱାସ୍ଥ୍ୟକେନ୍ଦ୍ର ରନର୍ସଅପ୍ ପୁରସ୍କାର ଲାଭ କରିଥିଲା। ତୃତୀୟ ତ୍ରୟମାସରେ ଶିଶୁ ନିଦାନ ୱାର୍ଡ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ନେହରୁ ଓପିଡି ରନର୍ସଅପ୍ ହୋଇଥିଲା। ଡାକ୍ତର ବିକେ ହୋତା ଦଳମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ, ଆଇଜିଏଚ୍‌ରେ ରୋଗୀସେବାରେ ସାମଗ୍ରିକ ଉନ୍ନତି ଆଣିବା ପାଇଁ ଡାକ୍ତରଖାନାରେ ଏକ ସୁସ୍ଥ ପ୍ରତିଯୋଗିତା ମୂଳକ ମାନସିକତା ସୃଷ୍ଟି ପୂର୍ବକ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ସେମାନଙ୍କ ଅଞ୍ଚଳରେ ସର୍ବୋତ୍ତମ ପ୍ରୟାସ କରିବାକୁ ଉତ୍ସାହିତ କରିବା ଲକ୍ଷ୍ୟରେ ଏହି ଯୋଜନା ଗତବର୍ଷ ପ୍ରବର୍ତ୍ତିତ ହୋଇଥିଲା। ଏହା ଏକ ଦଳଗତ ସ୍ୱୀକୃତି ଯୋଜନା ଏବଂ ତ୍ରୟମାସିକ ଭିତ୍ତିରେ ପରିଚାଳିତ। ଏହି ପୁରସ୍କାର ଯୋଜନା ଅନ୍ତର୍ଗତ ବିଜେତାମାନେ ୧୦, ୦୦୦ ଟଙ୍କା ପୁରସ୍କାର ରାଶି ପାଉଥିବା ବେଳେ ରନର୍ସଅପ୍ ଦଳଙ୍କୁ ୫୦୦୦ ଟଙ୍କା ପ୍ରଦାନ କରାଯାଉଛି। ଟ୍ରଫି ଏବଂ ପ୍ରଶଂସାପତ୍ର ମଧ୍ୟ ଉଭୟଙ୍କୁ ପ୍ରଦାନ କରାଯାଉଛି। ଆଇଜିଏଚର ବିଭିନ୍ନ ୟୁନିଟ/କ୍ଷେତ୍ର ଦ୍ୱାରା ପ୍ରଦାନ କରାଯାଇଥିବା ସେବାଗୁଡ଼ିକରେ ପ୍ରାପ୍ତ ମତାମତ ଉପରେ ଆଧାର କରି ମୂଲ୍ୟାଙ୍କନ କମିଟି ଦ୍ୱାରା ମୂଲ୍ୟାଙ୍କନ କରାଯାଉଛି। ଫିଡ୍‌ବ୍ୟାକ୍ କର୍ମୀମିତ୍ର ଆପ୍ ଏବଂ ସମ୍ପର୍କ ଆପ୍ ମାଧ୍ୟମରେ ନିଆଯାଇଛି। ଉପରୋକ୍ତ ବିଷୟଗୁଡ଼ିକ ସହିତ ମତାମତ ଗ୍ରହଣ ପାଇଁ ପରାମର୍ଶ ବାକ୍ସଗୁଡ଼ିକ ଆଇଜିଏଚର ବିଭିନ୍ନ ସ୍ଥାନରେ ରଖାଯାଇଛି।

ଏହି କାର୍ଯ୍ୟକ୍ରମରେ ନିଜନିଜ କ୍ଷେତ୍ରରେ ପ୍ରଶଂସନୀୟ ପ୍ରଦର୍ଶନ ପାଇଁ ତତ୍କାଳ ସ୍ୱୀକୃତି ପୁରସ୍କାର ଯୋଜନା ଅଧୀନରେ ୨୦ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ସେମାନଙ୍କୁ ପ୍ରଶଂସାପତ୍ର ଏବଂ ଟୋକନ୍ ଉପହାର ଦିଆଯାଇଥିଲା। ସିଏମଓମାନେ ପୁରସ୍କାର ବିଜେତାଙ୍କୁ ପ୍ରମାଣପତ୍ର ଏବଂ ଟୋକନ୍ ପ୍ରଦାନ କରିଥିଲେ। ଡା. ହୋତା ତାଙ୍କ ସମ୍ବୋଧନରେ ପୁରସ୍କାର ବିଜେତାଙ୍କୁ ଅଭିନନ୍ଦନ ଜଣାଇବା ସହ ଉତ୍ତମ କାର୍ଯ୍ୟଧାରା ଜାରି ରଖିବାକୁ ଅନୁରୋଧ କରିଥିଲେ। ଜିଆର ଦାସ ସ୍ୱାଗତ ଅଭିଭାଷଣ ସହ ପୁରସ୍କାର ଯୋଜନା ବିଷୟରେ ସୂଚନା ପ୍ରଦାନ ଓ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ମିକ ବିଭାଗ ଡେପୁଟି ମ୍ୟାନେଜର ଏସସି ପରିଛା ଧନ୍ୟବାଦ ଅର୍ପଣ କରିଥିଲେ।



**■ ଭଗତ ସିଂଙ୍କ ୯୪ତମ ସହିଦ ଦିବସ ପାଳିତ**

## ‘ଯୁବ ସମାଜ ଭଗତ ସିଂଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ’

**ରାଉରକେଲା, ୨୩।୩(ସମିସ):** ଭାରତ ସ୍ୱାଧୀନତା ଆନ୍ଦୋଳନର ମହାନ ସଂଗ୍ରାମୀ ସହିଦ ଭଗତ ସିଂ, ଶୁକଦେବ ଓ ରାଜଗୁରୁଙ୍କ ୯୪ତମ ସହିଦ ଦିବସ ଶନିବାର ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେସନ୍, ଭାରତର ଛାତ୍ର ଫେଡେରେସନ୍ ଓ ସହିଦ ଭଗତ ସିଂ ସ୍ମୃତି କମିଟି ପକ୍ଷରୁ ରାଉରକେଲା ଛେଣ୍ଡ କଲୋନୀସ୍ଥିତ ସହିଦ ଭଗତ ସିଂଙ୍କ ପ୍ରତିମୂର୍ତ୍ତି ନିକଟରେ ପାଳନ କରାଯାଇଛି। ଏହି ଅବସରରେ ସହିଦ ଭଗତ ସିଂଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ସ୍ମୃତିଚାରଣ ସଭା ଆୟୋଜନ କରାଯାଇଛି।



ସକାଳେ ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେସନ୍ ଜିଲ୍ଲା ସଭାପତି ଆଇନଜୀବୀ ରାଜକିଶୋର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ମୃତି କମିଟି ଉପାଧ୍ୟକ୍ଷ ଚନ୍ଦ୍ରଭାନୁ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ସ୍ମୃତି କମିଟି ସାଧାରଣ ସମ୍ପାଦକ ବିଶ୍ୱଜିତ ମାଝୀଙ୍କ ସଂଯୋଜନାରେ ଆୟୋଜିତ ମାଲ୍ୟାର୍ପଣ ଓ ସ୍ମୃତିଚାରଣ ସଭାରେ ବରିଷ୍ଠ ଆଇନଜୀବୀ ସୁଜୟ କୁମାର ପାଣି, ସିଆଇଟିୟୁ ରାଜ୍ୟ ଉପସଭାପତି ଜାହାଙ୍ଗୀର ଅଲ୍ଲୀ, ବିମାନ ମାଇତି, ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାଶ, ବରିଷ୍ଠ ଆଇନଜୀବୀ ଏମ୍ ମାଲେଶ୍ୱରମ, ବିସ୍ମୟ ଦାସ, ଚନ୍ଦ୍ରମଣି ଦାଶ, ଯୁଗଳ ଆଚାର୍ଯ୍ୟ, ସନ୍ତୋଷ ବିଶ୍ୱାଳ, ଭାସ୍କର ବେହେରା, ତୁଷାର ନାଏକ, ରାଉରକେଲା କଲଚରାଲ ଏକାଡେମୀ ସଭାପତି ପଶୁପତିନାଥ ଚାଟାର୍ଜୀ, ଗୁରୁଦ୍ୱାର ପ୍ରବନ୍ଧକ କମିଟି ସଭାପତି ବଲବୀର ସିଂ, ବଲଜିତ ସିଂ, ସୁରେନ୍ଦ୍ର ସିଂ, ସର୍ଦ୍ଦାର ସନ୍ତୋଷ ସିଂ, ସତପାଲ ସିଂ, ଦଲଜିତ ସିଂ, ଶ୍ରମିକ ନେତା ବସନ୍ତ ନାୟକ, ବିପି ମହାପାତ୍ର, ଅଜୟ ଶର୍ମା, ହୃଦୟାନନ୍ଦ ଯାଦବ, ମହିଳା ନେତ୍ରୀ ତାଜମୁନ ନେହାର, ଶକୁନ୍ତଳା ମହାକୁଡ଼, ଜୟନ୍ତୀ ମୋହିନୀ, ସମାଜସେବୀ ସୁନୀଲ ପଟ୍ଟନାୟକ, ସିପିଆଇଏମ୍ ରାଉରକେଲା ଆଞ୍ଚଳିକ କମିଟି ପକ୍ଷରୁ ଯଯାତି କେଶରୀ ସାହୁ, ଏନ୍‌ଏନ୍ ପାଣିଗ୍ରାହୀ, ପ୍ରଭାତ ମହାନ୍ତି, ଦିବାକର ମହାରଣା, ଅରୁଣ ମହାରଣା, ସିଆଇଟିୟୁ ନେତା ଅରୁ ଦାସ, ବିନୟ ବେହୁରିଆ, ଇସ୍ପାତ ଶ୍ରମିକ ନେତା ରତ୍ନାକର ନାୟକ, ଯଜ୍ଞେଶ୍ୱର ସାହୁ, ବିବି ଦାସ, ବାସୁଦେବ ସାହୁ, ସଚିନ ରାୟ, ଏନ୍‌କେ ରାଉତରାୟ, ବଛିରାମ ବେହେରା, ସାଗର ଛୋଟରାୟ, ଅମରେଶ ରାୟ, ଜନ୍ମେଜୟ ଘୋଷ, କୁନ୍ଦନ ବେହେରା ପ୍ରମୁଖଙ୍କ ସମେତ ସହରର ବହୁ ବୁଦ୍ଧିଜୀବୀ ସହିଦ ଭଗତ ସିଂଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ସ୍ମୃତିଚାରଣ କରିଥିଲେ।

ଏହି ଅବସରରେ ବକ୍ତାମାନେ କହିଲେ ଯେ ଭାରତର ସ୍ୱାଧୀନତା ଆନ୍ଦୋଳନରେ ଭଗତ ସିଂଙ୍କ ଅବଦାନ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ସର୍ବଦା ରହିଛି। ଦେଶକୁ ଇଂଗ୍ରେଜମାନଙ୍କଠାରୁ ସ୍ୱାଧୀନତା ଦେବାରେ ସହିଦ ଭଗତ ସିଂଙ୍କ ଭୂମିକା ଅତୁଳନୀୟ। ସେ ଯେଉଁ ପୂର୍ଣ୍ଣ ସ୍ୱରାଜ୍ୟର ଡାକରା ଦେଇଥିଲେ, ସେ କହୁଥିଲେ କେବଳ ରାଜନୈତିକ ସ୍ୱାଧୀନତା ନୁହେଁ ବରଂ ଅର୍ଥନୈତିକ ଭାବେ ଭାରତୀୟମାନେ ସ୍ୱାଧୀନତା ହାସଲ କରିବା ଦରକାର। ଶାସନର ପରିବର୍ତ୍ତନ ନୁହେଁ ବ୍ୟବସ୍ଥାର ପରିବର୍ତ୍ତନ ସହିତ ଶୋଷଣ, ଅନ୍ୟାୟ, ଅତ୍ୟାଚାର, ବେକାରୀ, କୁସଂସ୍କାର, ଅନ୍ଧବିଶ୍ୱାସ, ସାମ୍ପ୍ରଦାୟିକତାବାଦ ବିରୋଧରେ ଯୁବସମାଜ ଏକ ହେବାକୁ ସେ ଆହ୍ୱାନ କରିଥିଲେ। ୧୯୩୧ ମାର୍ଚ୍ଚ ୨୩ରେ ମାତ୍ର ୨୩ ବର୍ଷ ବୟସରେ ସହିଦ ଭଗତ ସିଂ, ଶୁକଦେବ ଓ ରାଜଗୁରୁଙ୍କୁ ଇଂରେଜ ସରକାର ଫାଶୀ ଦେଇଥିଲେ। ଆଜିର ଯୁବ ଛାତ୍ର ସମାଜ ସହିଦ ଭଗତ ସିଂଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜିର ଘଡ଼ିସନ୍ଧି ମୁହୂର୍ତ୍ତରେ ଦେଶ ଗଠନ ପାଇଁ ଆଗେଇ ଆସିବାକୁ ବକ୍ତାମାନେ ଆହ୍ୱାନ କରିଥିଲେ।

## ଉପଖଣ୍ଡ ପୁଲିସ ପକ୍ଷରୁ ନିର୍ବାଚନ ପ୍ରସ୍ତୁତି ବୈଠକ

**ଲହୁଣୀପଡ଼ା, ୨୩।୩(ସମିସ):** ଲହୁଣୀପଡ଼ା ଥାନା ପରିସରରେ ବଣାଇଁ ଉପଖଣ୍ଡ ପୁଲିସ ଅଧିକାରୀ ସ୍ୱରାଜ ଦେବତାଙ୍କ ଅଧ୍ୟକ୍ଷତାରେ ନିର୍ବାଚନ ପରିଚାଳନା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଲହୁଣୀପଡ଼ା, ବଣାଇଁ, ଚାନ୍ଦିପୋଷ, କୋଇଡ଼ା, କେ.ବଲାଙ୍ଗ, ମହୁଲପଦା, ଗୁରୁଣ୍ଡିଆ, ଟିକାୟତପାଲି ଥାନା ଅଧିକାରୀ ଯଥାକ୍ରମେ ସୂରଜ କୁମାର ଝଙ୍କାର, ଜ୍ଞାନରଞ୍ଜନ ସାହୁ, ମାନସ କୁମାର ମହାକୁଡ଼, ମନୋରଞ୍ଜନ କୁମ୍ଭାର, ଲକ୍ଷ୍ମୀଧର ହାଁସଦା, ପ୍ରଶାନ୍ତ କୁମାର ପ୍ରଧାନ ଏବଂ ଟେନସା ଫାଣ୍ଡି ଅଧିକାରୀ ସୁଦର୍ଶନ ଦେହୁରୀଙ୍କ ସମେତ ପ୍ରତ୍ୟେକ ଥାନାର ଏସ୍‌ଆଇ, ଏଏସଆଇ, ହାବିଲଦାର, କନଷ୍ଟେବଳ ଓ ହୋମଗାର୍ଡମାନେ ଯୋଗଦେଇଥିଲେ। ଆଗାମୀ ସାଧାରଣ ନିର୍ବାଚନ ପାଇଁ ଗତ ୧୬ ତାରିଖଠାରୁ ଆଦର୍ଶ ଆଚରଣବିଧି ଲାଗୁ ହୋଇଛି। ମୁଖ୍ୟତଃ ନିର୍ବାଚନ ପାଇଁ ଆଚରଣବିଧି ଲାଗୁ ପରେ ରୋଲ୍ ଅଫ ପୁଲିସକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଥାଏ। ଏଣୁ ନିର୍ବାଚନ ପରିଚାଳନାରେ ପୁଲିସର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଥିବା ବେଳେ ସମସ୍ତ ପୁଲିସ କର୍ମଚାରୀ ନିଜ ଦାୟିତ୍ୱ ଠିକ ଭାବରେ ସମ୍ପାଦନ କରିବାକୁ ଏହି ଅବସରରେ ପରାମର୍ଶ ଦିଆଯାଇଛି। ନିର୍ବାଚନ ସଂକ୍ରାନ୍ତୀୟ କୌଣସି ଅସୁବିଧା କିମ୍ବା ସୂଚନା ପାଇଲେ ସମ୍ପୃକ୍ତ ଅଧିକାରୀଙ୍କୁ ବାର୍ତ୍ତା ଦେବେ। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପୁଲିସର କର୍ତ୍ତବ୍ୟ। ପୁଲିସ ଯଦି ତା’ର କର୍ତ୍ତବ୍ୟ ଠିକ ଭାବେ ସମ୍ପାଦନ କରେ ତେବେ ବୁଥଗୁଡ଼ିକରେ ଶୃଙ୍ଖଳିତ ଭାବରେ ମତଦାତାମାନେ ମତଦାନ କରିପାରିବେ। ଭୋଟ କେନ୍ଦ୍ରଗୁଡ଼ିକରେ କୌଣସି ଅପ୍ରୀତିକର ଘଟଣା କିମ୍ବା ଶାନ୍ତିଭଙ୍ଗର ଉପକ୍ରମ ଦେଖାଯିବା ପୂର୍ବରୁ ଦାୟିତ୍ୱରେ ଥିବା ପୁଲିସ କର୍ମଚାରୀ ସତର୍କତା ଅବଲମ୍ବନ କରିବେ ବୋଲି ପରାମର୍ଶ ଦିଆଯାଇଛି। ଶେଷରେ ଲହୁଣୀପଡ଼ା ଥାନା ଅଧିକାରୀ ସୂରଜ କୁମାର ଝଙ୍କାର ଧନ୍ୟବାଦ ଅର୍ପଣ କରିଥିଲେ।



**ଅସ୍ୱାସ୍ଥ୍ୟକର ପରିବେଶରେ ମାଲମାଲ ଫାଷ୍ଟଫୁଡ୍ ସେଣ୍ଟର୍**

# ଆର୍‌ଏମ୍‌ସି ସ୍ୱାସ୍ଥ୍ୟ ବିଭାଗର ଚଢ଼ଉ ପ୍ରହସନ









**ରାଉରକେଲା, ୨୩।୩(ସମିସ)**

ସହରରେ ଛତୁ ଫୁଟିଲା ଭଳି ଫାଷ୍ଟ ଫୁଡ୍ ସେଣ୍ଟର ଖୋଲିଛି। ମୁଖ୍ୟ ବଜାରଠାରୁ ଆରମ୍ଭ କରି ଗଳିକନ୍ଦି ଏପରିକି ବସ୍ତି ମଧ୍ୟରେ ଅସ୍ୱାସ୍ଥ୍ୟକର ପରିବେଶରେ ଚାଲିଛି ମାଲମାଲ ଫାଷ୍ଟ ଫୁଡ୍ ସେଣ୍ଟର। ଦୋକାନୀମାନେ ବିନା ଫୁଡ୍ ଲାଇସେନ୍ସରେ ଲୋକଙ୍କୁ ନିମ୍ନମାନର ଖାଦ୍ୟ ପରଷୁଥିବା ବେଳେ ଏମାନେ ପରୋକ୍ଷରେ ଲୋକଙ୍କୁ ରୋଗ ବାଣ୍ଟୁଥିବା ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଆରଏମ୍‌ସିର ସ୍ୱାସ୍ଥ୍ୟ ବିଭାଗ ନିୟମିତ ଯାଞ୍ଚ ଚାଲିଥିବା କହୁଥିବା ବେଳେ ଏଭଳି ଫାଷ୍ଟଫୁଡ୍ ସେଣ୍ଟରଗୁଡ଼ିକ ଖୋଲାଖୋଲି ଚାଲିଛି। କେବଳ ଗଳିକନ୍ଦି କାହିଁକି ମୁଖ୍ୟ ବଜାରରେ ଥିବା ଫାଷ୍ଟଫୁଡ୍ ସେଣ୍ଟରଗୁଡ଼ିକରେ ପୋଡ଼ାତେଲ, ବାସିଖାଦ୍ୟ, କୃତ୍ରିମ ରଙ୍ଗ, ନିମ୍ନମାନର ସସ୍ ଇତ୍ୟାଦି ବ୍ୟବହାର ହେଉଥିବା ବାରମ୍ବାର ଅଭିଯୋଗ ହୋଇ ଆସୁଥିବା ବେଳେ କେବେ କେମିତି ସ୍ୱାସ୍ଥ୍ୟ ବିଭାଗ ଚଢ଼ଉ କରି ଦାୟିତ୍ୱ ସାରିଦେଉଥିବା ଅଭିଯୋଗ ହୋଇଛି। ବାସନ୍ତୀ କଲୋନୀ, ଉଦିତନଗର, ପାନପୋଷ, ଏସଟିଆଇ, ଛେଣ୍ଡ, ଭିଏସ୍‌ଏସ୍ ମାର୍କେଟ, ଗଜପତି ମାର୍କେଟ, ଡେଲି ମାର୍କେଟ, ଇସ୍ପାତ ମାର୍କେଟ, ପ୍ଲାଣ୍ଟସାଇଟ୍ ରୋଡ୍, ପାୱାର ହାଉସ୍ ରୋଡ୍, କୋଏଲନଗର ସମେତ ଅନ୍ୟ ଅଞ୍ଚଳର ରାସ୍ତା ଓ ଡ୍ରେନ୍ ପାର୍ଶ୍ୱରେ ଏଭଳି ଫାଷ୍ଟଫୁଡ୍ ସେଣ୍ଟର ରହିଛି। କେବଳ ସେତିକି ନୁହେଁ, ସହରର ବିଭିନ୍ନ ଗଳିକନ୍ଦି ବସ୍ତିରେ ମଧ୍ୟ କିଛି କମ୍ ନାହିଁ ଫାଷ୍ଟଫୁଡ୍ ଦୋକାନ। ଏ ସବୁ ଦୋକାନଗୁଡ଼ିକ ଠେଲାରେ ଚାଲିଥିବା ବେଳେ ମାଲଗୋଦାମ, କୃଷ୍ଣାଶ୍ରମ, ଟିମ୍ବର କଲୋନୀ ଓ ରେଲୱେ କଲୋନୀ ଭଳି ଅସ୍ୱାସ୍ଥ୍ୟକର ପରିବେଶରେ ଦେଖିବାକୁ ମିଳୁଛି। କିଛିଦିନ ପୂର୍ବରୁ ଅର୍ଥାତ୍ ସହରରେ ଅନୁଷ୍ଠିତ ହକି ବିଶ୍ୱକପ୍ ସମୟରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସହରରେ ଖାଦ୍ୟ ଓ ପରିମଳ ବ୍ୟବସ୍ଥାର କଡ଼ା ଯାଞ୍ଚ କରାଯାଉଥିଲା। ବିଭାଗ ପକ୍ଷରୁ ଫାଷ୍ଟଫୁଡ୍, ବିନା ଲାଇସେନ୍ସରେ ଖାଦ୍ୟ ସାମଗ୍ରୀ ବିକ୍ରି କରୁଥିବା ଦୋକାନୀ, ପିଇବା ପାଣି ଆରଓ ଏବଂ ଆରଓନାଇଜେସନ୍‌ଯୁକ୍ତ କି ନୁହେଁ, ଖାଦ୍ୟରେ କୃତ୍ରିମ ରଙ୍ଗର ଅହେତୁକ ବ୍ୟବହାର ହେଉଛି କି ନାହିଁ ଏ ସବୁ ଦିଗକୁ ବେଶ୍ ଗୁରୁତ୍ୱ ଦିଆଯାଉଥିଲା। ମାତ୍ର ଏବେ ନିୟମିତ ଯାଞ୍ଚ ହେଉ ନ ଥିବାରୁ ସବୁ ଖୋଲାଖୋଲି ଚାଲିଛି। ସ୍ଥିତି ପୁଣି ବିପର୍ଯ୍ୟସ୍ତ ହେବା ସହ ନିମ୍ନମାନର ଖାଦ୍ୟ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ସହରରେ ୩ ହଜାରରୁ ଊର୍ଦ୍ଧ୍ୱ ଏପରି ଦୋକାନ ରହିଛି। ସାଧାରଣରେ ଖାଦ୍ୟ ବିକ୍ରି ପାଇଁ ଆରଏମ୍‌ସି ପକ୍ଷରୁ ଫୁଡ୍ ଲାଇସେନ୍ସର ଆବଶ୍ୟକତା ଥିବା ବେଳେ ବହୁ ବ୍ୟବସାୟୀ ବିନା ଲାଇସେନ୍ସରେ ଖାଦ୍ୟ ବିକ୍ରି କରୁଥିବା ଦେଖାଯାଉଛି। ମାତ୍ର ବିଭାଗ ଏ ଦିଗରେ ଏକପ୍ରକାର ଆଖି ବୁଜିଦେଇଛି। ଏପରି ନିମ୍ନମାନର ତଥା ଅସ୍ୱାସ୍ଥ୍ୟକର ଖାଦ୍ୟ ଖାଇ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଆରଏମ୍‌ସିର ସ୍ୱାସ୍ଥ୍ୟ ବିଭାଗ ଏ ଦିଗରେ ଯତ୍ନବାନ ହେବା ଆବଶ୍ୟକତା ରହିଛି। ତେବେ ବସ୍ତିମାନଙ୍କରେ ଏଭଳି ଛତୁ ଫୁଟିଲା ଭଳି ଫାଷ୍ଟଫୁଡ୍ ସେଣ୍ଟରଗୁଡ଼ିକୁ ଦେଖିଲେ ବିଭାଗ ସହରବାସୀଙ୍କ ସ୍ୱାସ୍ଥ୍ୟ ପ୍ରତି କେତେ ଯତ୍ନବାନ ତାହା ଜଳଜଳ ଦେଖାଯାଉଥିବା ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

**ଆରଏସପିରେ ସ୍ୱଚ୍ଛତା ପକ୍ଷ ପାଳନ**

## ପାର୍ଶ୍ୱାଞ୍ଚଳ ଗ୍ରାମଗୁଡ଼ିକରେ ପଥପ୍ରାନ୍ତ ନାଟକ

**ରାଉରକେଲା, ୨୩।୩(ସମିସ):** ସେଲରେ ମାର୍ଚ୍ଚ ୧୬ରୁ ୩୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ସ୍ୱଚ୍ଛତା ପକ୍ଷ ପାଳନର ଅଂଶ ଭାବରେ ପାର୍ଶ୍ୱାଞ୍ଚଳ ଗ୍ରାମଗୁଡ଼ିକରେ ପଥପ୍ରାନ୍ତ ନାଟକ ଏବଂ ନୃତ୍ୟନାଟିକା ଆୟୋଜିତ ହୋଇଛି। ମାର୍ଚ୍ଚ ୧୮ ତାରିଖ ଲାଠିକଟା ବ୍ଲକ ଝୋରବାହାଲ ଗ୍ରାମ ବଙ୍ଗଳା ଛକ ନିକଟରେ ଏକ ଗ୍ରାମସଭା ଆୟୋଜିତ ହୋଇଥିଲା। ଏଥିରେ ଅତିଥି ବକ୍ତା ରୂପେ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ଅତିରିକ୍ତ ସିଏମଓ ଡା. ପୁଷ୍ପା କୁମାରୀ ଯୋଗଦେଇ ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଏବଂ ପରିମଳ ବିଷୟରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ରାଉରକେଲାର ସାଗର ଡ୍ୟାନ୍ସ ଗ୍ରୁପ୍ ଦ୍ୱାରା ସ୍ୱଚ୍ଛ ଏବଂ ଶ୍ରେଷ୍ଠ ଭାରତ ନିର୍ମାଣରେ ସ୍ୱଚ୍ଛତାର ଗୁରୁତ୍ୱକୁ ଦର୍ଶାଇ ଏକ ନୃତ୍ୟନାଟିକା ମଞ୍ଚସ୍ଥ ହୋଇଥିଲା। ୧୦୦ରୁ ଅଧିକ ଗ୍ରାମବାସୀ ଗ୍ରାମସଭାରେ ଯୋଗଦେଇଥିଲେ। ସିଏସ୍‌ଆର୍ ବିଭାଗ ଜିଏମ ମୁନମୁନ୍ ମିତ୍ର ସମାବେଶକୁ ସ୍ୱାଗତ କରିଥିବା ବେଳେ ଏଜିଏମ ଟିବି ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିଲେ। ସିନିୟର ଫିଲ୍ଡ ଆସିଷ୍ଟାଣ୍ଟ (ସିଏସ୍‌ଆର୍) ବି ଏକ୍କା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ମାର୍ଚ୍ଚ ୨୨ ତାରିଖ ବିଶ୍ରା ବ୍ଲକ ବିଜାଡିହ ଗ୍ରାମରେ ଆୟୋଜିତ ଶୁକ୍ରବାର ହାଟରେ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ସାଗର ଗ୍ରୁପ କଳାକାରମାନେ ନାଟକ ମାଧ୍ୟମରେ ଆବର୍ଜନାମୁକ୍ତ ଭାରତ, ଏକକ ବ୍ୟବହାର ପ୍ଲାଷ୍ଟିକ ରୋକିବା, ସ୍ୱଚ୍ଛତା ଏବଂ ପରିମଳ, ଜଳ ଏବଂ ମଶାବାହିତ ରୋଗ ସମ୍ବନ୍ଧୀୟ ବାର୍ତ୍ତା ପ୍ରସାର କରିଥିଲେ। ଏଥିରେ ବିପୁଳ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମୁନମୁନ୍ ମିତ୍ର, ଏଜିଏମ ଏଏନ ପତି ଏବଂ ବିଭାଗୀୟ ଦଳ ଉପସ୍ଥିତ ଥିଲେ।



# ରାଜ୍ୟସ୍ତରୀୟ ପ୍ରତିଭା ସଙ୍ଗମରେ ସୁନ୍ଦରଗଡ଼ ଛାତ୍ରଛାତ୍ରୀଙ୍କ ସଫଳତା



**ସୁନ୍ଦରଗଡ଼, ୨୩।୩(ସମିସ)**

ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଆୟୋଜିତ 'ରାଷ୍ଟ୍ରୀୟ କଳାମଞ୍ଚ'ର ରାଜ୍ୟସ୍ତରୀୟ ପ୍ରତିଭା ସଙ୍ଗମ ପ୍ରତିଯୋଗିତାରେ ସୁନ୍ଦରଗଡ଼ ଛାତ୍ରଛାତ୍ରୀଙ୍କୁ ସଫଳକତା ମିଳିଛି। ତିନିଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ସୁନ୍ଦରଗଡ଼ର ବିଭିନ୍ନ ମହାବିଦ୍ୟାଳୟର କଳା ଓ ସଂସ୍କୃତିରେ ରୁଚି ରଖୁଥିବା ବିଦ୍ୟାର୍ଥୀ ସ୍ୱରୂପ ବାଘ, ଅନୁରାଗ ଯାଦବ, ଖୁସି ବୁଡ଼ା, ବୈଷ୍ଣବୀ କିଷାନ, ବର୍ଷା ସେଠ, ଆଞ୍ଚଳ ଗୁପ୍ତା, ବନିତା ହେମରନ, ପଲ୍ଲବୀ ସିଂ, ଦିଲୀପ ଖାଲଖୋ, ମନପ୍ରୀତ କୌର, ଅନୁଷ୍କା ସା, ପ୍ରତ୍ୟୁଷକାନ୍ତ ପ୍ରଧାନ, ସୁଶାନ୍ତ କରିଆଲି, ଯତୀନ କିଷାନ, ସସ୍ମିତା ସିଂ, କେଦାର ମିଞ୍ଜ ଓ ମନୋରମା ପଣ୍ଡା ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ଛାତ୍ରୀ ପଲ୍ଲବୀ ସିଂ କବିତା ଆବୃତିରେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ମହାବିଦ୍ୟାଳୟ ଓ ଜିଲ୍ଲାବାସୀଙ୍କ ପାଇଁ ଗୌରବ ଆଣିଛନ୍ତି। ବିଦ୍ୟାର୍ଥୀ ପରିଷଦର ଏତାଦୃଶ ସଫଳତା ପାଇଁ ବିଭାଗ ପ୍ରମୁଖ ପ୍ରଫୁଲ୍ଲ ଧାରୁଆ, ବିଭାଗ ସଂଯୋଜକ ଗୋପାଳ ନାଏକ, ଜିଲ୍ଲା ସଂଯୋଜକ ବାପୁନ ପଶାୟତ, ଜିଲ୍ଲା ସହ ସଂଯୋଜକ ଗୋବର୍ଦ୍ଧନ ବାରିକ, ରାଷ୍ଟ୍ରୀୟ କଳାମଞ୍ଚ ସଂଯୋଜକ ସୁବ୍ରତ ଜେନା, ରାଜା ମିଞ୍ଜ, ସୂରଜ ସା, ବୃନ୍ଦାବନ ମହାନନ୍ଦିଆ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# କଲେଜରେ କୃତୀ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ କାର୍ଯ୍ୟକ୍ରମ



**ସୁନ୍ଦରଗଡ଼,୨୩।୩(ସମିସ):** ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ପକ୍ଷରୁ ଜାତୀୟସ୍ତରୀୟ ପରୀକ୍ଷାରେ ସଫଳତା ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ବୀରେନ୍ଦ୍ର କୁମାର ପଟେଲଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗଣିତ ବିଭାଗ ମୁଖ୍ୟ ବରିଷ୍ଠ ପ୍ରାଧ୍ୟାପକ ଆଲୋକ କୁମାର ନାଏକ, ଭୂତତ୍ତ୍ୱ ବିଜ୍ଞାନ ବିଭାଗ ମୁଖ୍ୟ ସହକାରୀ ପ୍ରଫେସର ଶିବପ୍ରସାଦ ମହାନ୍ତି, ପୂର୍ବତନ ଅଧ୍ୟକ୍ଷ ଡ. ସୁଧୀର କୁମାର ଦାଶ, ରସାୟନ ବିଜ୍ଞାନ ବିଭାଗ ସହକାରୀ ପ୍ରଫେସର ସେବତୀ ପ୍ରଧାନ, ସେକ୍ସନ ଅଫିସର ପ୍ରଦୀପ କୁମାର ବହିଦାର ପ୍ରମୁଖ ଯୋଗଦେଇ ସଫଳତା ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଜାମ ପ୍ରବେଶିକା ପରୀକ୍ଷା-୨୦୨୪ରେ ସଫଳତା ଅର୍ଜନ କରିଥିବା ଭୂତତ୍ତ୍ୱ ବିଜ୍ଞାନ ବିଭାଗର ଅନୁରାଗ ମହନ୍ତ, ଶିଭମ ଶୁଭ୍ରାଂଶୁ ସାହୁ, ସୌମ୍ୟରଞ୍ଜନ ସାହୁ, ହେମନ୍ତ ପ୍ରଧାନ, ସୌମ୍ୟରଞ୍ଜନ ବେହେରା, ସଚିନ ନାଏକ, ଏକାନ୍ତ କୁମାର ବୁଡ଼ା, ଉମରାଜ ସିଂହ, ରସାୟନ ବିଜ୍ଞାନ ବିଭାଗର କୁମାର ଅନୁରାଜ, ଅର୍ପିତା ପଟେଲଙ୍କ ସମେତ ଗେଟ୍-୨୦୨୪ ପ୍ରବେଶିକା ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ରସାୟନ ବିଜ୍ଞାନ ବିଭାଗ ଛାତ୍ରୀ ପ୍ରିୟଦର୍ଶିନୀ ପ୍ରଧାନଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲା।

# ରାସ୍ତା କଡ଼ରୁ ମଦ ଦୋକାନ ଉଚ୍ଛେଦ ଦାବି ଜୋର ଧରିଲା

**ରାଉରକେଲା, ୨୩।୩(ସମିସ):** ବିଶ୍ରା ସହର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ବିଦେଶୀ ମଦ ଦୋକାନକୁ ଉଚ୍ଛେଦ କରି ଏହାକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଦାବି ପୁଣି ଜୋର ଧରିବାରେ ଲାଗିଛି। ଏହି ମଦ ଦୋକାନ ବିରୋଧରେ ବିଶ୍ରା ସରପଞ୍ଚ ସୂରଜ ନାୟକଙ୍କ ନେତୃତ୍ୱରେ ଅଞ୍ଚଳର କିଛି ଲୋକ ଶନିବାର ରାଉରକେଲା ଅବକାରୀ ଏସପିଙ୍କ କାର୍ଯ୍ୟାଳୟରେ ଫେରାଦ ହୋଇଥିଲେ। ଏ ନେଇ ଅବକାରୀ ଏସପିଙ୍କୁ ସରପଞ୍ଚ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ଉଲ୍ଲେଖ ରହିଛି ଯେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବିଶ୍ରା ସହର ଜାତୀୟ ରାଜପଥ କଡ଼ରେ ଖୋଲାଖୋଲି ଭାବେ ମଦ ବିକ୍ରି ହେଉଛି। ସହର ମୁଖ୍ୟ ରାସ୍ତାରେ ମଦ ଦୋକାନ ଥିବାରୁ ଏହି ରାସ୍ତା ଦେଇ ଯାଉଥିବା ଅନେକ ଗାଡ଼ି ଚାଳକ ଅତି ସହଜରେ ମଦ କିଣି ତାହାକୁ ପିଇବା ସହ ଗାଡ଼ି ଚଳାଉଛନ୍ତି। ଫଳରେ ପ୍ରତିଦିନ ଅଞ୍ଚଳରେ ସଡ଼କ ଦୁର୍ଘଟଣା ଘଟୁଛି। ଏଥିସହ ସହରର ହଜାର ହଜାର ଛାତ୍ରଛାତ୍ରୀ ଏହି ମଦ ଦୋକାନ ସାମ୍ନା ଦେଇ ସ୍କୁଲ କଲେଜ ଯିବାଆସିବା କରୁଛନ୍ତି। ଜନଗହଳିପୂର୍ଣ୍ଣ ସ୍ଥାନରେ ମଦ ଦୋକାନଟି ଥିବାରୁ ଦୋକାନ ନିକଟରେ ରହୁଥିବା ପରିବାରର ମହିଳାମାନେ ମଧ୍ୟ ଅନେକ ସମୟରେ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁଛି। ମଦ ଦୋକାନ ପାଇଁ ସରପଞ୍ଚଙ୍କ ଏନଓସି ନ ଥିଲେ ମଧ୍ୟ ଅବକାରୀ ବିଭାଗ ଏହି ମଦ ଦୋକାନ ଖୋଲିବାକୁ କିପରି ଅନୁମତି ଦେଲା ସେ ନେଇ ସରପଞ୍ଚ ନାୟକ ପ୍ରଶ୍ନ ଉଠାଇଛନ୍ତି। ସ୍ଥାନୀୟ ଗ୍ରାମବାସୀଙ୍କ କହିବାନୁସାରେ ରାଉରକେଲା ଅବକାରୀ ବିଭାଗରେ ଅନେକ ଥର ଅଭିଯୋଗ କରିବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଫଳରେ ସେମାନେ ସରପଞ୍ଚଙ୍କ ମାଧ୍ୟମରେ ଅବକାରୀ ଏସପିଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ଅଭିଯୋଗ ଉପରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଲୋକେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ସାରନଗରୀ ଜଗନ୍ନାଥ ମନ୍ଦିର ପକ୍ଷରୁ ଦୋଳଯାତ୍ରା

**ରାଉରକେଲା, ୨୩।୩(ସମିସ):** ସ୍ଥାନୀୟ ସାରନଗରୀସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଆନୁକୂଲ୍ୟରେ ଫଗୁ ଦଶମୀ ଓ ଦୋଳଯାତ୍ରା ଆଧ୍ୟାତ୍ମିକ ପରିବେଶରେ ପାଳିତ ହୋଇଛି। ମାର୍ଚ୍ଚ ୧୯ ଦଶମୀ ତିଥିରେ ଶ୍ରୀ ଶ୍ରୀ ରାଧାକୃଷ୍ଣ ସୁସଜ୍ଜିତ ବିମାନରେ ଆରୁଢ଼ ହୋଇ ଶିଳ୍ପନଗରୀ ସାରନଗରୀ ବିଭିନ୍ନ ବ୍ଲକ ଅଞ୍ଚଳ, ନବକୃଷ୍ଣନଗର, କନଷ୍ଟ୍ରକ୍ସନ କଲୋନୀ, ଉତ୍କଳ ନଗର, ଲୋକନାଥ ମାର୍କେଟ, ମଡର୍ଣ୍ଣ ଇଣ୍ଡିଆ ଆଦି ଅଞ୍ଚଳରେ ଦୋଳପୂର୍ଣ୍ଣିମା ପର୍ଯ୍ୟନ୍ତ ୭ ଦିନ ବ୍ୟାପୀ ଭୋଗ ଖାଇବା ସହ ଫଗୁ ଓ ଅବିର ଖେଳିବା ନିମନ୍ତେ ଝାଞ୍ଜ, କୀର୍ତ୍ତନର ତାଳେ ତାଳେ ଭକ୍ତମାନଙ୍କ ପାଖକୁ ବିଜେ କରିଛନ୍ତି। ପ୍ରଭୁ ରାଧାକୃଷ୍ଣ ଘରକୁ ଘର ବିଜେ କରି ଭୋଗ ଖାଉଛନ୍ତି। ଆସନ୍ତା ୨୬ ତାରିଖ ହୋଲିକା ଦହନ କାର୍ଯ୍ୟକ୍ରମ ହେବା ସହ ୨୭ ତାରିଖ ସେକ୍ଟର-୭ରେ ହେଉଥିବା ମେଳଣ ଯାତ୍ରାକୁ ଠାକୁର ବିଜେ କରିବେ। ପରିଚାଳନା କମିଟି ପକ୍ଷରୁ ପୂଜକ ହରିହର ପଣ୍ଡା, ଆୟୋଜକ ସୁବାସ ପାତ୍ର, କାହ୍ନୁଆ ବାବୁ ସାହୁ, କଂଗ୍ରେସ ସ୍ୱାଇଁ, ଅମର ସିଂହ, ବିଦ୍ୟାପତି ମହାରଣା, କୀର୍ତ୍ତନ ମଣ୍ଡଳୀ ପକ୍ଷରୁ ବିଷ୍ଣୁପ୍ରସାଦ ଦାଶ, ସାବାସ ନାୟକ, ବିଶ୍ୱଜିତ ବାରିକ, ବନମାଳୀ ଗଉଡ଼, ରାମଚନ୍ଦ୍ର ଜେନା, ଜୟକୃଷ୍ଣ ମହାକୁଳ, ସୌମ୍ୟରଞ୍ଜନ ଗିରି, ଶୁଭ୍ରାଂଶୁ ପରିଡ଼ା, ତୁଷାର ରଞ୍ଜନ ନାୟକ, ରାଜେଶ କୁମ୍ଭାର, ଗୋପୀନାଥ ପାଢ଼ୀ, ରବୀନ୍ଦ୍ର ବିଶ୍ୱାଳଙ୍କ ସମେତ ବହୁ ସଂଖ୍ୟାରେ ଲୋକ ଏଥିରେ ସାମିଲ ହୋଇଛନ୍ତି।



## ● ନାବାଳିକାଙ୍କୁ ଗଣଦୁଷ୍କର୍ମ ମାମଲା

# ଦୁଇ ଅଭିଯୁକ୍ତ କୋର୍ଟ ଚାଲାଣ

**ରାଉରକେଲା, ୨୩।୩(ସମିସ):** ସ୍ଥାନୀୟ ବ୍ରାହ୍ମଣୀତରଙ୍ଗ ଥାନା ଅଞ୍ଚଳରେ ନାବାଳିକାଙ୍କୁ ଗଣଦୁଷ୍କର୍ମ ମାମଲାରେ ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ନଦୀଟୋଲା ଅଞ୍ଚଳର ଅଜିତ ସିଂ (୩୨) ଓ ଅର୍ଜୁନ ସିଂ (୩୦)। ସୂଚନାଯୋଗ୍ୟ, ଉକ୍ତ ଥାନା ଅଞ୍ଚଳରେ ରହୁଥିବା ନାବାଳିକା ଜଣକ ସାଙ୍ଗମାନଙ୍କ ସହ ଗତ ୧୭ ତାରିଖ ବେଦବ୍ୟାସ ମେଳା ବୁଲିବାକୁ ଆସିଥିଲେ। ମେଳାରେ ପ୍ରବଳ ଭିଡ଼ ଯୋଗୁଁ ସମସ୍ତେ ଅଲଗା ହୋଇଯାଇଥିଲେ। ରାତି ପ୍ରାୟ ୧୦ଟାରେ ନାବାଳିକା ଏକୁଟିଆ ଘରକୁ ଫେରୁଥିବା ସମୟରେ ନଦୀଟୋଲାଠାରେ କେତେଜଣ ଦୁର୍ବୃତ୍ତ ତାଙ୍କୁ ଉଠାଇ ନେଇ ସ୍ଥାନୀୟ ରେଳ ଧାରଣାରେ ଦୁଷ୍କର୍ମ କରି ଫେରାର ହୋଇଯାଇଥିଲେ।

# ଜାତିଆଣ ଆକ୍ଷେପ ଅଭିଯୋଗରେ ୨ ଗିରଫ

**ସୁନ୍ଦରଗଡ଼, ୨୩।୩(ସମିସ):** ଜାତିଆଣ ଆକ୍ଷେପ ଅଭିଯୋଗରେ ସୁନ୍ଦରଗଡ଼ ସଦର ଥାନା ପୁଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସୁନାଜୋର ଗ୍ରାମର କଳିନ୍ଦ୍ର ଖଣ୍ଡା ଓ ତାଙ୍କ ପୁଅ କିରନ ଖଣ୍ଡା। ଏମାନେ ସୁକାନ୍ତି ଓରାମଙ୍କୁ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିବା ସହ ଧମକଚମକ ଦେଇଥିଲେ। ସୁକାନ୍ତି ଏ ନେଇ ଥାନାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତ ବାପପୁଅଙ୍କୁ ଗିରଫ କରିଛି।

# ପିକ୍‌ଅପ୍ ଭ୍ୟାନ୍ ଜବତ; ୮ ଗୋରୁ ଉଦ୍ଧାର

**ସୁନ୍ଦରଗଡ଼, ୨୩।୩(ସମିସ):** ଏକ ପିକଅପ ଭ୍ୟାନ୍‌ରେ ଚାଲାଣ ହେଉଥିବା ୮ଟି ଗୋରୁଙ୍କୁ ବଡ଼ଗାଁ ଥାନା ପୁଲିସ ଉଦ୍ଧାର କରିଛି। ଉକ୍ତ ଗୋରୁଗୁଡ଼ିକୁ ମାଂସ ପାଇଁ ଚାଲାଣ ହେଉଥିବା ବେଳେ ପୁଲିସ ଇତମା ନିକଟରେ ଗାଡ଼ିକୁ ଅଟକାଇ ସେମାନଙ୍କୁ ଉଦ୍ଧାର କରିଥିଲା। ପୁଲିସ ଗାଡ଼ି ଜବତ କରି ଥାନା କନଷ୍ଟେବଲ ଯାଦବ କିସାନଙ୍କ ଏତଲା କ୍ରମେ ଏ ନେଇ ଚାଳକ କୁତ୍ରା ଥାନା ଅନ୍ତର୍ଗତ ଖତକୁରବାହାଲ ଗ୍ରାମର ସୁଜିତ କେରେକେଟାଙ୍କ ବିରୋଧରେ ମାମଲା ରୁଜୁ କରିଛି।

# ସ୍ତ୍ରୀ ସାମ୍ନାରେ ଚାଲିଗଲା ସ୍ୱାମୀର ଜୀବନ

**ରାଉରକେଲା, ୨୩।୩(ସମିସ):** ସଡ଼କ ଦୁର୍ଘଟଣା ଘଟି ସ୍ତ୍ରୀ ସାମ୍ନାରେ ସ୍ୱାମୀଙ୍କ ଜୀବନ ଚାଲିଯାଇଛି। ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ବନ୍ଧମୁଣ୍ଡା ରାସ୍ତାରେ ଶନିବାର ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଜଲଦା ଏ ବ୍ଲକ ଅଞ୍ଚଳର ମନୱା ତିର୍କି ଓ ତାଙ୍କ ସ୍ତ୍ରୀ ବାଇକ ଯୋଗେ ବନ୍ଧମୁଣ୍ଡାରୁ ରାଉରକେଲା ଆଡ଼କୁ ଆସୁଥିଲେ। ବିପରୀତ ଦିଗରୁ ଆସୁଥିବା ଏକ ଡମ୍ଫର ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ମନୱା ରାସ୍ତାରେ ଛିଟିକି ପଡ଼ିଥିଲେ। ଡମ୍ଫର ଚକ ତାଙ୍କ ଉପରେ ଚଢ଼ିଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଘଟାଇଥିବା ଡମ୍ଫର ଚାଳକ ଗାଡ଼ି ନେଇ ଫେରାର ହୋଇଯାଇଛନ୍ତି। ଜୋନ୍-୨ ଡିଏସପି ନିର୍ମଳ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଡମ୍ଫରକୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ମୃତ ମନୱା ରାଜମିସ୍ତ୍ରି ଭାବେ କାମ କରୁଥିଲେ ବୋଲି ପୁଲିସ ତଦନ୍ତରୁ ଜଣାପଡ଼ିଛି।

# ସାଇବର ସୁରକ୍ଷା ସଚେତନତା କର୍ମଶାଳା



**ସୁନ୍ଦରଗଡ଼, ୨୩।୩(ସମିସ):** ବଡ଼ଗାଁ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ସାଇବର ସୁରକ୍ଷା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ବଡ଼ଗାଁ ଥାନା ଆଇଆଇସି ଆଶିଷ କୁମାର ଜେନା ମୁଖ୍ୟଅତିଥି ଭାବ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସାଇବର ଅପରାଧ ଉପରେ ସଚେତନ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ସୁନୀତା ଲାକ୍ରାଙ୍କର ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ମଧ୍ୟ ସାଇବର ସଚେତନତା ଉପରେ ବକ୍ତବ୍ୟ ରଖିଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମହାନ୍ତିଆପଡ଼ାରେ ୨୪ ପ୍ରହର ନାମଯଜ୍ଞ

**ସୁନ୍ଦରଗଡ଼, ୨୩।୩(ସମିସ):** ସୁନ୍ଦରଗଡ଼ ମହାନ୍ତିଆ ପଡ଼ାରେ ୨୪ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ଏଥିରେ ଦାମୋଦର ବାଗ ଓ ଚିତ୍ରେ ବାଗ କର୍ତ୍ତା ଓ ଡିଲେଶ୍ୱର ଜୟପୁରିଆ ପୁରୋହିତ ଦାୟିତ୍ୱ ତୁଲାଉଛନ୍ତି। ମହାନ୍ତିଆପଡ଼ା, କୁର୍ଗା, ଜୟନ୍ତିପଡ଼ା, କୁଅଁରବଗା, କିଞ୍ଜିରକେଲା, କରମଡିହି, ଦିଆମୁଣ୍ଡା, ଭଣ୍ଡାରିଶଙ୍କରା, ରେଙ୍ଗାଲି ଆଦି ସଂକୀର୍ତ୍ତନ ଦଳ ଯୋଗଦେଇଛନ୍ତି। ଯଜ୍ଞ ପରିଚାଳନା କମିଟି ସଭାପତି ସୁଜାତା କରାଲି, ସମ୍ପାଦକ ରକି ମହାନନ୍ଦିଆ, କୋଷାଧ୍ୟକ୍ଷ ଅଷ୍ଟମୀ ବାଗଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହେଉଛି। କୃଷ୍ଣ ଜୟପୁରିଆ, ଚନ୍ଦ୍ରଭାନୁ କାକ୍, ଗୁରୁ ବାଗ, କୃଷ୍ଣ ପାଣ୍ଡବ, ଜିତେନ ପାଣ୍ଡବ, କୁମୁଦ ବାଗ ସହଯୋଗ କରୁଛନ୍ତି। ଜିଲ୍ଲା ଲକ୍ଷେଘର ସମାଜ ସଭାପତି ଲବଣୀଧର ବାଗଙ୍କ ଉପସ୍ଥିତିରେ ଏହା ଆୟୋଜିତ ହେଉଛି।



# ବିଜେଡିରେ ମିଶିଲେ ୩୦ରୁ ଊର୍ଦ୍ଧ୍ୱ ବିଜେପି କର୍ମୀ

**ସୁନ୍ଦରଗଡ଼, ୨୩।୩(ସମିସ):** ଆମ ଓଡ଼ିଶା, ନବୀନ ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା ସଂଯୋଜକ ତଥା ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂହଙ୍କ ସର୍ଗିପାଲିସ୍ଥିତ ବାସଭବନରେ ୩୦ରୁ ଊର୍ଦ୍ଧ୍ୱ ବିଜେପି କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ଏହି ସମସ୍ତ ବିଜେପି କର୍ମୀ ସୁନ୍ଦରଗଡ଼ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ହେମଗିର ବ୍ଲକ କନକତୁରା ପଞ୍ଚାୟତ ମସିନା ଗ୍ରାମର। ମୁଖ୍ୟମନ୍ତ୍ରୀ ତଥା ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶ, ଜନକଲ୍ୟାଣ କାର୍ଯ୍ୟକ୍ରମରେ ଅନୁପ୍ରାଣିତ ହୋଇ ତଥା ପୂର୍ବତନ ବିଧାୟକ ସିଂହଙ୍କ ବଳିଷ୍ଠ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ଏମାନେ ବିଜେଡିରେ ସାମିଲ ହୋଇଛନ୍ତି। ସମସ୍ତ କର୍ମୀଙ୍କୁ ସୁନ୍ଦରଗଡ଼ ଜିଲ୍ଲା ବିଜେଡି ପକ୍ଷରୁ ଦଳରେ ସ୍ୱାଗତ କରାଯାଇଛି।



# କଂଗ୍ରେସ ନିର୍ବାଚନୀ ଇସ୍ତାହାର ଜିଲ୍ଲା ସ୍ତରରେ ପୁନଃ ଉନ୍ମୋଚିତ




**ସୁନ୍ଦରଗଡ଼,୨୩।୩(ସମିସ):** ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ସୁନ୍ଦରଗଡ଼ ଜିଲ୍ଲା କଂଗ୍ରେସ ପକ୍ଷରୁ ଦଳର ଇସ୍ତାହାର କଂଗ୍ରେସ ଗ୍ୟାରେଣ୍ଟିର ପୁନଃ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲା କଂଗ୍ରେସ ସଭାପତି ଜନାର୍ଦ୍ଦନ ଦେହୁରୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉନ୍ମୋଚନ କରିଥିଲେ। ସ୍ଥାନୀୟ କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଥିଲା। ସାମ୍ବାଦିକ ସମ୍ମିଳନୀରେ ପିସିସି କାର୍ଯ୍ୟକାରୀ କମିଟି ସଦସ୍ୟ ରାଜକିଶୋର ଷଡ଼ଙ୍ଗୀ, ଇସ୍ତାହାର କମିଟି ସଦସ୍ୟ ବେଣୁମାଧବ ତ୍ରିପାଠୀ, ପିସିସି ସମ୍ପାଦିକା ଭୁଲକି ସେଠ, ମହିଳା କଂଗ୍ରେସ ସମ୍ପାଦିକା ଗେରୋଟି ଖେସ, ଜିଲ୍ଲା ମହିଳା କଂଗ୍ରେସ ଉପସଭାପତି କଳ୍ପନା ଆପଟ, ଜିଲ୍ଲା ଉପସଭାପତି ଅଜିତ ପ୍ରସାଦ, ପର୍ଶୁରାମ ସରାଫ, ସାଧାରଣ ସମ୍ପାଦକ ନେପାଳ ସାହୁ, ବିନୀତା ନାଏକ, ଦିଲୀପ କୁମୁରା, ରାଜ୍ୟ ସେବାଦଳ ସାଧାରଣ ସମ୍ପାଦକ ମୁନୁ ସରାଫ, ଜିଲ୍ଲା ସେବାଦଳ ସଭାପତି ଭୀଷ୍ମଦେବ ସିଂ, ଶମ୍ଭୁନାଥ ସିଂ, ଆଦିବାସୀ ନେତା ଆନ୍ତୋନୀ କୁଲ୍ଲୁ ପ୍ରମୁଖ ଯୋଗଦେଇଥିଲେ।

# ଯୁବକଙ୍କ ମାଡ଼ରେ ନାବାଳକ ଗୁରୁତର

**ସୁନ୍ଦରଗଡ଼, ୨୩।୩(ସମିସ):** ଧରୁଆଡିହି ଥାନା ଅନ୍ତର୍ଗତ ମାନମୁଣ୍ଡା ଗ୍ରାମର ଜଣେ ଯୁବକଙ୍କ ମାଡ଼ରେ ୧୫ ବର୍ଷୀୟ ନାବାଳକ ଗୁରୁତର ଆହତ ହୋଇଛନ୍ତି। ନାବାଳକ ଜଣକ ଗାଁ କମ୍ୟୁନିଟି ସେଣ୍ଟରରେ ବସି ମୋବାଇଲ ଦେଖୁଥିବା ବେଳେ ସୁରେଶ କିସାନ ତାଙ୍କୁ ମୁଥ, ଗୋଇଠା ଆଦି ମାରିଥିଲେ। ଏଥିରେ ସେ ଆହତ ହୋଇଥିଲେ। ନାବାଳକଙ୍କ ବାପା ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଲକ୍ଷାଧିକ ଟଙ୍କାର ଆଖୁ ଫସଲ ପୋଡ଼ିଗଲା

**ସୁନ୍ଦରଗଡ଼, ୨୩।୩(ସମିସ):** ବଡ଼ଗାଁ ଥାନା ଅନ୍ତର୍ଗତ ଭୋଇପାଲି ଡେମୁପଡ଼ା ଗାଁର ଚାଷୀ ସୋମବାରୁ ରୋହିଦାସଙ୍କ ଲକ୍ଷାଧିକ ଟଙ୍କା ମୂଲ୍ୟର ଆଖୁ ଫସଲ ପୋଡ଼ି ନଷ୍ଟ ହୋଇଛି। ସେହି ଗ୍ରାମର ଜଣେ ବ୍ୟକ୍ତି ମହୁଲ ଗୋଟାଇବା ପାଇଁ ଗଛ ତଳ ସଫା କରିବାକୁ ନିଆଁ ଲଗାଇଥିଲେ। ସେହି ନିଆଁ ବ୍ୟାପି ଆଖୁ କିଆରିରେ ଲାଗିଯିବାରୁ ଆଖୁ ଗଛ ସବୁ ପୋଡ଼ିଯାଇଛି। ସୋମବାରୁ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି।

## ଡିଏଭି ପବ୍ଲିକ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ

# ଦର୍ଶକଙ୍କୁ ମତୁଆଲା କଲା କୁନିପିଲାଙ୍କ ନୃତ୍ୟଗୀତ




**ସୁନ୍ଦରଗଡ଼, ୨୩।୩(ସମିସ)**

ଏମସିଏଲ ଦ୍ୱାରା ପରିଚାଳିତ ଛଟେନପାଲି ଡିଏଭି ପବ୍ଲିକ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଛି। ଏଥିରେ ଏମସିଏଲର ବସୁନ୍ଧରା ଏରିଆ ପ୍ରବନ୍ଧକ ଦୀନେଶ ଚନ୍ଦ୍ର କୁଣ୍ଡୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଲୋକନାଥ ପ୍ରଧାନ, ଅଜିତ ସେଠ, ରଶ୍ମି ମିଶ୍ର, ପ୍ରଶାନ୍ତ କୁମାର ପଣ୍ଡା, ଚିନ୍ମୟ କୁମାର ମହାପାତ୍ର ଓ ରାଜେନ୍ଦ୍ର ବେଦବାକ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ସହ ବିଦ୍ୟାଳୟର ଉନ୍ନତି କାମନା କରିଥିଲେ। ଅଧ୍ୟକ୍ଷ ରଞ୍ଜନ କୁମାର ପଟେଲ ବାର୍ଷିକ ବିବରଣୀ ପାଠ କରି ବିଦ୍ୟାଳୟର ସୁବିଧା ଅସୁବିଧା ଜଣାଇଥିଲେ। ଶିକ୍ଷାନୁଷ୍ଠାନ ପକ୍ଷରୁ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନେ ବିଦ୍ୟାଳୟର ସର୍ବପ୍ରଥମ ପତ୍ରିକା 'ଉଁଯୁର' ଉନ୍ମୋଚନ କରିବା ସହ ପାଠ୍ୟବର୍ଷ ୨୦୨୩-୨୪ ସହ ପାଠ୍ୟକ୍ରମ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ପ୍ରଜ୍ଞା ପାରମିତା ଲେଙ୍କା ମଞ୍ଚ, ସାଇନା ଦାସ ସାଂସ୍କୃତିକ କାର୍ଯ୍ୟକ୍ରମ, ଆୟୁଷୀ ପଟେଲ ଏବଂ ମଧୁସ୍ମିତା ପାଢ଼ୀ ପୁରସ୍କାର ବିତରଣ, ଅଳକା ପାଉଲ ଖାଦ୍ୟପେୟ, ରେଣୁକା ସାହୁ ଏବଂ ଜୟନ୍ତୀ ମାଝୀ ଉପବେଶନ ତଥା ଶିକ୍ଷୟିତ୍ରୀ ବର୍ଚସ୍ୱିନୀ ପଟେଲ ଏବଂ ରାକେଶ କୁମାର ପାଣଗ୍ରାହୀ କମ୍ପ୍ୟୁଟର ବିଭାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ମଧୁସ୍ମିତା ପାଢ଼ୀ ଧନ୍ୟବାଦ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ପଞ୍ଜାବୀ ରିମିକ୍ସ, ଚନ୍ଦ୍ରାୟାନ-୩, ମୋବାଇଲ ନିଶା, କାଚା ବାଦାମ, ରାମ ଭଜନ ଆଦି ନୃତ୍ୟ ସହ ନାଟକ ଭସ୍ମାସୁର ବଧ ତଥା ଅଭିନୟ ଦର୍ଶକଙ୍କୁ ମତୁଆଲା କରିଥିଲା।



ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ଶ୍ରୀ ରାମଚନ୍ଦ୍ର ବାରିକ୍
ଆବିର୍ଭାବ: ୦୨.୦୩.୧୯୩୬
ତିରୋଧାନ: ୨୦.୦୩.୨୦୨୩
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ବନ୍ଧୁ ଓ ପରିବାର ବର୍ଗ

